READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

**ବିଶେଷ ସୂଚନା**

ମହାମାରୀ କରୋନା ଯୋଗୁଁ ସାରା ଦେଶରେ ଲକଡାଉନ୍ ବା ତାଲାବନ୍ଦ ଯୋଗୁଁ 'ଏକମାତ୍ର' ପ୍ରକାଶନରେ ବିଭିନ୍ନ ଅସୁବିଧା ଦେଖାଦେଇଥିଲା। ଯେଉଁଥିପାଇଁ ଚତୁର୍ଥ ବର୍ଷ (ମାର୍ଚ୍ଚ ୩୦ ରୁ ଏପ୍ରିଲ ୫,୨୦୨୦) ସଂସ୍କରଣ ପ୍ରକାଶ ପାଇପାରି ନାହିଁ। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମ୍ଭେ 'ଏକମାତ୍ର'ର ପାଠକ/ପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା ଏବଂ ବିଜ୍ଞାପନଦାତାଙ୍କ ନିକଟରେ ଦୁଃଖ ପ୍ରକାଶ କରୁଛୁ। ଆଶା ସହଯୋଗ ଅବ୍ୟାହତ ରଖିବେ।

- ପରିଚାଳକ

ବର୍ଷ-୪ ସଂଖ୍ୟା-୧୨ ୦୬ - ୧୨ ଏପ୍ରିଲ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-12 06th - 12th APRIL, 2020 BHUBANESWAR ₹ 5/- (8 Pages)

## ରାଜଧାନୀରେ ବ୍ୟାପକ ସତର୍କତା

# ଆତଙ୍କିତ ହୁଅନି, ସାମାଜିକ ଦୂରତା ବଜାୟ ରଖ

**ଭୁବନେଶ୍ୱର :** ଗତ ରବିବାର ସୁଦ୍ଧା ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୯ରେ ପହଞ୍ଚିଥିବାରୁ ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୧୬ଜଣ ନୂଆ କରୋନା ଆକ୍ରାନ୍ତଙ୍କ ଚିହ୍ନଟ ପରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୟଭୀତ ନହେବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ କରୋନା ବିରୋଧରେ ଲଢ଼େଇରେ ସମସ୍ତେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁନର୍ବାର ରାଜ୍ୟବାସୀଙ୍କୁ ଟ୍ୱିଟ୍ ଜରିଆରେ ନିବେଦନ କରିଛନ୍ତି। ଟ୍ୱିଟ୍ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆ ଚିହ୍ନଟ ହୋଇଥିବା ସବୁ କରୋନା ସଂକ୍ରମିତ କଣ୍ଟେନମେଣ୍ଟ ଅଞ୍ଚଳର। ତେଣୁ ଏନେଇ କେହି ଭୟଭୀତ ହୁଅନ୍ତୁ ନାହିଁ। ଘରୁ ବାହାରକୁ ନ ଯାଇ ଲକ୍‌ଡାଉନ୍ ନିୟମକୁ ସମ୍ମାନ ଦେବାକୁ ଟ୍ୱିଟ୍ ଜରିଆରେ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ।


CMO Odisha
@CMO_Odisha
People need not panic. It's in a contained area of #Bhubaneswar with known contact. Sincere appeal - please don't venture out and respect lockdown. Police will take very tough action on violators. #OdishaFightsCorona

ସେହିପରି ଲକ୍‌ଡାଉନ୍ ନିୟମ ଉଲ୍ଲଘଂନ କଲେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଚେତାଇ ଦେଇଛନ୍ତି। ସେହିଭଳି ସାମାଜିକ ଦୂରତା କଟକଣାକୁ ନେଇ ଶୂନ୍ୟ ସହନଶୀଳତା ଭିତ୍ତି ଅବଲମ୍ବନ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସାମାଜିକ ଦୂରତ୍ୱ ସଂକ୍ରାନ୍ତରେ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲକଡାଉନ୍ ସମୟରେ ଯେଉଁମାନେ ଏହା ନ ମାନିବେ ସେମାନଙ୍କ ବିରୁଦ୍ଧରେ ଅପରାଧୀକ ମାମଲା ରୁଜୁ ହେବ ଏବଂ ସାମାଜିକ ଦୂରତା କଟକଣା ମାନୁ ନଥିବା ଦୋକାନ ଏବଂ ବଜାର ମଧ୍ୟ ସିଲ୍ କରାଯିବ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଗୋଟିଏ ଦିନରେ କେବଳ ବମିଖାଲ ଅଞ୍ଚଳରୁ ୧୬ଜଣଙ୍କୁ ମିଶାଇ ୧୮ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସାଧାରଣରେ ଭୟ ସୃଷ୍ଟି ହୋଇଛି। କରୋନା ସଂକ୍ରମିତ ଭାବେ ଘୋଷଣା ହୋଇଥିବା ବମିଖଲ ଅଞ୍ଚଳରୁ ରବିବାର ୧୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ଉକ୍ତ ସ୍ଥାନକୁ କଣ୍ଟେନମେଣ୍ଟ ସ୍ଥାନିତ କରାଇ ସିଲ୍ କରାଯାଇ ଘର ଘର ବୁଲି ସର୍ଭେ ଜାରି ରହିଛି। ଏପରିକି ଏହି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦିଗ୍ଧ ଏବଂ କଣ୍ଟାକ୍ଟ ମାନଙ୍କୁ ପୃଥକ ଭାବେ ପରୀକ୍ଷଣ କରାଯାଉଛି। ତେଣୁ ଲୋକମାନଙ୍କୁ ଭୟଭୀତ ନହୋଇ ଘର ଭିତରେ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖନୀୟ ଯେ, ଗୋଟିଏ ଦିନରେ କେବଳ ରାଜଧାନୀରେ ୧୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଓଡ଼ିଶାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯ରେ ପହଞ୍ଚିଛି।

## ଦେଶର ସର୍ବବୃହତ କୋଭିଡ୍ ହସ୍ପିଟାଲ ଓଡ଼ିଶାରେ

**ଭୁବନେଶ୍ୱର :** କୋଭିଡ୍-୧୯ ସଂକ୍ରମଣର ମୁକାବିଲା ପାଇଁ ଦେଶର ସର୍ବ ବୃହତ କୋଭିଡ-୧୯ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି। କଟକ ଓ ଭୁବନେଶ୍ୱରରେ ୬୫୦ ଶଯ୍ୟାବିଶିଷ୍ଟ ଦୁଇଟି ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫଙ୍କ ସହିତ ବାର୍ତ୍ତାଳାପ କରିବା ସହ ସେମାନଙ୍କ ଉତ୍ସର୍ଗୀକୃତ ଅବଦାନକୁ ପ୍ରଶଂସା କରିଛନ୍ତି। ସେହିପରି ଏତେ କମ୍ ଦିନ ମଧ୍ୟରେ ଏହି ଦୁଇଟି ହସ୍ପିଟାଲ୍ ନିର୍ମାଣ ଶେଷ କରିଥିବା ସଂସ୍ଥା କିମ୍ସ ଓ ଅଶ୍ୱିନୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ



ଜଣାଇଛନ୍ତି। ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲ୍‌ରେ ୫୦୦ ଶଯ୍ୟା ରହିଥିବା ବେଳେ କଟକର ଅଶ୍ୱିନୀ ହସ୍ପିଟାଲ୍‌ରେ ୧୫୦ ଶଯ୍ୟା ରହିଛି। ତେଣୁ ବର୍ତ୍ତମାନ ରାଜ୍ୟରେ ୬୫୦ ଶଯ୍ୟା ବିଶିଷ୍ଟ ଦୁଇଟି ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲ୍ ରୋଗୀଙ୍କ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି। ଓଡ଼ିଶା ଖଣି ନିଗମ ସହାୟତାରେ ଏହି ଦୁଇଟି ହସ୍ପିଟାଲ୍ ପ୍ରସ୍ତୁତ କରାଯାଇଛି। ଗୋଟିଏ ଛାତ ତଳେ ଆଇସୋଲେସନ ୱାର୍ଡ, ଆଇସିୟୁ, କ୍ୱାରେଣ୍ଟାଇନ୍ ଓ ଟ୍ରିଟ୍‌ମେଣ୍ଟ ୱାର୍ଡର ➤ ପୃ-୬

## ଅମାନିଆଙ୍କୁ ବାନ୍ଧ

**ଭୁବନେଶ୍ୱର :** ତାଲାବନ୍ଦ ବା ଲକଡାଉନ୍ ସମୟରେ କେନ୍ଦ୍ର ସରକାର ଜାରି କରିଥିବା କଟକଣାରେ କୌଣସି ପ୍ରକାର ଢିଲାପଣକୁ ବରଦାସ୍ତ କରାଯିବନାହିଁ। ଯେଉଁମାନେ ଏହାକୁ ଉଲ୍ଲଘଂନ କରି ଆଇନ ଅମାନ୍ୟ କରୁଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କର। କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶାବଳୀ ପୁଣିଥରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭଲ୍ଲା ଏପରି ସୂଚାଇ ଦେଇଛନ୍ତି।

## ବିଶ୍ୱରେ ମୃତ୍ୟୁ ସଂଖ୍ୟା ୬୮ ହଜାର ଟପିଲା

**ନୂଆଦିଲ୍ଲୀ :** ବିଶ୍ୱବ୍ୟାପୀ ୨୦୫ ରାଷ୍ଟ୍ରରେ ୧୨ ଲକ୍ଷ ୧୪ ହଜାର ୯୧୩ ଜଣଙ୍କୁ କରୋନା ସଂକ୍ରମଣ କରିଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୮ ହଜାରରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ତେବେ ୨ ଲକ୍ଷ ୧୪ ହଜାର ରୋଗମୁକ୍ତ ହୋଇଛନ୍ତି। ଏହି ମହାମାରୀ ଆମେରିକାର ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୧୯ ହଜାରକୁ ଅତିକ୍ରମ କରିଛି। ସେମାନଙ୍କ ମଧ୍ୟରୁ ୮ ହଜାର ୪୫୦ରୁ ଅଧିକ ପ୍ରାଣ ହରାଇଲେଣି। ବିଗତ ୨୪ ଘଣ୍ଟା ଭିତରେ ଆମେରିକାରେ ୧୨୨୪ରୁ ଅଧିକ ରୋଗୀ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେଥିରୁ କେବଳ ନ୍ୟୁୟର୍କର ୬୩୦ ଜଣ। ଆସନ୍ତା ଦୁଇସପ୍ତାହ ଆମେରିକାବାସୀଙ୍କ ପାଇଁ ସଙ୍କଟର ଘଡ଼ି ହେବାକୁ ଯାଉଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମତବ୍ୟକ୍ତ କରିଛନ୍ତି। ଶନିବାର ସ୍ପେନ୍‌ରେ ପ୍ରାୟ ୬୭୪ ସଂକ୍ରମିତ ପ୍ରାଣ ହରାଇଥିଲେ। ଲକ୍‌ଡାଉନ୍ ଉଲ୍ଲଘଂନ କରୁଥିବା ➤ ପୃ-୬



## ବକ୍ରବାଣୀ



ଛାଡିଗଲା ସବୁ ଫେସନ ଆମ
କରୋନାରେ ବୁଦ୍ଧି ହେଲାରେ ବାମ
ମିଟରେ ଦୁରରୁ ଠିଆ ହେଇକି
ଧାଡି ଦଉଥାଅ ସଉଦା ପାଇଁକି
ହାତ ଟେକି ତାକୁ ପଇସା ଦବ
ବାକି ପଇସା ତ'ହାତୁ ନ ନବ
ଜୀବ ବଞ୍ଚିଥାଉ ପଇସା ଯାଉ
କରୋନା ଭୂତାଣୁ ଭୟ ନରହୁ
ଯେ କଥାକୁ ମିଛ ମଣିବ ନାହିଁ
ପଇସା ଲୋଭରେ ମରିବ କାହିଁ।

—— ଟୁଟୁ

# କେବଳ ବମିଖାଲରୁ ୧୯ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର :** ଗୋଷ୍ଠୀ ସଂକ୍ରମଣକୁ ରୋକିବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲା ବେଳେ ରବିବାର ଗୋଟିଏ ଦିନରେ ରାଜଧାନୀରେ ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରାହ୍ଣରେ ୨ ଜଣ ଆକ୍ରାନ୍ତଙ୍କର ରିପୋର୍ଟ ପଜିଟିଭ୍ ଆସିବା ପରେ ସନ୍ଧ୍ୟାରେ ପୁଣି ୧୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜଧାନୀରେ ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଯଦିଓ ସରକାରୀ ଭାବେ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇନାହିଁ ବୋଲି ବାରମ୍ବାର



କୁହାଯାଉଛି, ହେଲେ ଏହି ସଂଖ୍ୟାକୁ ଦେଖିଲେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ବଢ଼ିବାରେ ଲାଗିଛି। ଏହାପୂର୍ବରୁ ଶୁକ୍ରବାର ଗୋଟିଏ ଦିନରେ ୧୫ ପଜିଟିଭ୍ ଆସିବା ପରେ କରୋନା ରୋଗୀଙ୍କ ସଂଖ୍ୟାକୁ ନେଇ ରାଜ୍ୟରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲେ। ରବିବାର ଏହି ସମସ୍ତ ରେକର୍ଡକୁ କାଟି ଗୋଟିଏ ଦିନରେ ୧୮ ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଚିନ୍ତାର ବିଷୟ ହେଉଛି ଯେ କେବଳ ବମିଖାଲ୍‌ରେ ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିସାରିଛି। ଗୋଟିଏ ପରିବାରରେ ୪ ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ସନ୍ଧ୍ୟାରେ ଚିହ୍ନଟ ହୋଇଥିବା ୧୬ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ବିମାଖାଲ୍‌ରୁ ୧୫ ଜଣ ବୋଲି ଜଣାପଡ଼ିଛି। ଗୋଟିଏ ଅଞ୍ଚଳରୁ ଏତେ ସଂଖ୍ୟକ ରୋଗୀ ବାହାରିଥିବାରୁ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରାଯାଇ ସମସ୍ତଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେହିପରି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କ ନମୂନା ପରୀକ୍ଷଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଅନ୍ୟପକ୍ଷରେ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ରବିବାର ଚିହ୍ନଟ ହୋଇଥିବା ମୋଟ୍ ୧୮ ଜଣ କରୋନା ଆକ୍ରାନ୍ତଙ୍କୁ ହସ୍ପିଟାଲ୍‌ର ଆଇସୋଲେସନ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସକାଳେ ଚିହ୍ନଟ ହୋଇଥିବା ୨ ଜଣଙ୍କ ମଧ୍ୟରେ ଜଣେ ରାଜଧାନୀ ଭୁବନେଶ୍ୱରସ୍ଥିତ କପିଳପ୍ରସାଦର ୭୦ ବର୍ଷ ବୟସ୍କ ହୋଇଥିବା ବେଳେ ଅନ୍ୟ ଜଣେ ବମିଖାଲ୍‌ର ୨୯ ବର୍ଷ ବୟସ୍କ ଯୁବକ ଅଟନ୍ତି। ପ୍ରଥମ ଜଣଙ୍କ ମାର୍ଚ୍ଚ ୨୨ ତାରିଖରେ ଅଷ୍ଟ୍ରେଲିଆରୁ ଫେରିଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସ୍ପଷ୍ଟ କରାଯାଇଛି। ➤ ପୃ-୬

## ବେଶୀଦିନ ରହିବନି ବିପଦ !

**ଭୁବନେଶ୍ୱର :** ଯେତେବେଳେ ସାରା ବିଶ୍ୱରେ ବିପଦ ମାଡି ଆସେ ସେତେବେଳେ ସବୁଠି 'ମାଳିକା'ର ଚର୍ଚ୍ଚା ହୋଇଥାଏ। ସେହିଭଳି କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଥିବା ବେଳେ ଏବେ ଏହି 'ମାଳିକା' ବଚନକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାସ୍ତବରେ 'ମାଳିକା'ର କିଛି ପଂକ୍ତି ଅନେକଙ୍କୁ ଭାବିବାକୁ ମଧ୍ୟ ବାଧ୍ୟ କରିଛି। କେହି କେହି 'ମାଳିକା'ର ଏହି ପଂକ୍ତି ଗୁଡିକୁ ଉଦ୍ଧାର କରି କରୋନା ସହିତ ଯୋଡିଛନ୍ତି। ବିଶ୍ୱବାସୀ କରୋନାକୁ ନେଇ ଭୟଭୀତ ହୋଇପଡୁଥିବା ବେଳେ ଭବିଷ୍ୟବକ୍ତା ମହାଯୋଗୀ ଅଚ୍ୟୁତାନନ୍ଦ 'କଳିକଳୁଷ' ମାଳିକାରେ ଉଲ୍ଲେଖ କରିଥିବା ପଂକ୍ତି 'ବିଂଶୁଉଣା ଏକ ଦି' କୋଡିକୁ ଦେଖ, ବ୍ରହ୍ମସଂଖ୍ୟା ମିଶୁ ତହିଁ, ଏକାଳେ ଜାଣିବୁ ଅକାଳ ମଡକ, ଆସିକି ରହିବ ନାହିଁ' ଏହା ନିଶ୍ଚୟ ସମସ୍ତଙ୍କୁ ଆଶ୍ୱସ୍ତ କରିବ। ଏହି ମାଳିକାରେ ମହାପୁରୁଷ ଏଠାରେ 'ଶକାବ୍ଦ'ର କଥା କହିଛନ୍ତି।




# ଉଠିଲା ସଟ୍‌ଡାଉନ୍, ଲକଡାଉନ୍ ଜାରି

**ଭୁବନେଶ୍ୱର :** ମହାମାରୀ କରୋନାକୁ ମୁକାବିଲା କରିବା ଲାଗି ରାଜ୍ୟ ସରକାର ଭୁବନେଶ୍ୱର, କଟକ ଓ ଭଦ୍ରକରେ ଘୋଷଣା କରିଥିବା ସଟ୍‌ଡାଉନ୍ ସଫଳ ହୋଇଛି। ତେଣୁ ନିର୍ଦ୍ଧାରିତ ସମୟ ତଥା ରବିବାର ରାତି ୮ଟାରେ ରାଜ୍ୟ ସରକାର ସଟ୍‌ଡାଉନ୍ କଟକଣାକୁ ଉଠାଇବା ସହିତ ଏଥିରେ ସହଯୋଗ କରିଥିବାରୁ ଲୋକମାନଙ୍କୁ ମୁଖ୍ୟ ସଚିବ ଅସିତ ତ୍ରିପାଠୀ କୃତଜ୍ଞତା ଜଣାଇଛନ୍ତି। ସେହିପରି ସଟ୍‌ଡାଉନ୍‌କୁ ସୂଚାର ରୂପେ ପାଳନ କରିଥିବାରୁ ସେ ରାଜ୍ୟ ପୁଲିସ ଓ ଜିଲ୍ଲା ସ୍ତରର ପ୍ରଶାସନିକ ଅଧିକାରୀମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ସଟ୍ ଡାଉନ୍ ଅବଧି ସରିବା ପରେ ସାମାଜିକ ଦୂରତା ବଜାୟ ରଖିବା ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଥିବା ବେଳେ ଦୋକାନ ବଜାରରେ ଭିଡ଼ ନକରିବାକୁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ସେହିପରି ରାଜ୍ୟରେ ଆବଶ୍ୟକୀୟ ସାମଗ୍ରୀ ଯଥେଷ୍ଟ ମହଜୁଦ୍ ରହିଛି, ତେଣୁ ଲୋକମାନେ ଭୟଭୀତ ନହୋଇ ସାମାଜିକ ଦୂରତା ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସଟ୍‌ଡାଉନ୍ ସମୟରେ କେବଳ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ବ୍ୟତୀତ ଆଉ ସମସ୍ତ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା। ଲକ୍ ଡାଉନ୍ ସମୟରେ ସୁଚିନ୍ତିତ ଭାବରେ ପ୍ରତିରୋଧ ବ୍ୟବସ୍ଥାକୁ ଦୃଢ଼ କରିବାର ଆବଶ୍ୟକତା ରହିଛି। ଫଳରେ ସୀମିତ ଅଞ୍ଚଳରେ ସଂକ୍ରମଣକୁ ରୋକାଯାଇପାରିବ ଏବଂ ଏହା ବ୍ୟାପିବାକୁ ଅଧିକ ମାତ୍ରାରେ ହ୍ରାସ କରାଯାଇପାରିବ। ପ୍ରଶାସନ ଦ୍ୱାରା ବ୍ୟାପକ ଚିହ୍ନଟ ଓ ପରୀକ୍ଷା କାର୍ଯ୍ୟ କରାଯିବ। ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ



ବିଭିନ୍ନ ପୌରସଂସ୍ଥା/ଜିଲ୍ଲା ପ୍ରଶାସନ ସ୍ଥିତି ଅନୁସାରେ ଯେଉଁ ସବୁ ଅଞ୍ଚଳରେ ପ୍ରତିରୋଧ ଜୋନ୍ ପ୍ରତିଷ୍ଠା କରାଯିବ, ସେସବୁକୁ ଜନସାଧାରଣ ସମର୍ଥନ କରିବେ ବାଲି ମୁଁ ସରକାର ନିବେଦନ କରିଛନ୍ତି। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଥିରେ ସମସ୍ତେ ସହଯୋଗ କରିବାକୁ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଯାନବାହନ ପ୍ରତି ସତର୍କ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। କୋର୍ଟକଚେରି ବିବାଦର ସମାଧାନ ହେବ। ଧନପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଘଟିବ।

**ବୃଷ** ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ଅଧିକ ପରିଶ୍ରମ କଲେ ଆଶାନୁରୂପ ଫଳ ମିଳିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ।

**ମିଥୁନ** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ।

**କର୍କଟ** ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ।

**ସିଂହ** ପରିବାରର ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ।

**କନ୍ୟା** ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ପଡିରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ମିଳିବ। କଳାକାରମାନେ ଅସୁବିଧାରେ ପଡିବେ।

**ତୁଳା** ଚାକିରିଆଙ୍କର ଦୂର ସ୍ଥାନକୁ ବଦଳି ହୋଇପାରେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ପାରିବାରିକ କନ୍ଦଳରୁ ଖୁବ୍‌ଶୀଘ୍ର ମୁକ୍ତି ମିଳିଯିବ।

**ବିଛା** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ। ନୂନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଜମିଜମା ବିବାଦ ଲାଗି ରହିବ।

**ଧନୁ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**ମକର** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ।

**କୁମ୍ଭ** ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ପାଇବେ।

**ମୀନ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ହୋଇଯିବ।


ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା



**ନୂଆଦିଲ୍ଲୀ :** ଦେଶରେ କରୋନା ଆକ୍ରାନ୍ତ ଓ ମୃତ ବ୍ୟକ୍ତିଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସୁଦ୍ଧା ଦେଶରେ ୩,୫୭୭ ଆକ୍ରାନ୍ତ ହୋଇଥିବା ବେଳେ ୮୩ ଜଣ ପ୍ରାଣ ହରାଇଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଇଛି। ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲା କହିଛନ୍ତି ଯେ ଦେଶର ୨୭୪ ଜିଲ୍ଲାରେ କୋରାନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଗଲାଣି। ଏହି ସବୁ ଜିଲ୍ଲାରେ ଏକାଧିକ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଦେଶରେ ୪୭୨ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୧୧ ଜଣ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହିପରି ୨୬୭ ଜଣ ରୋଗମୁକ୍ତ ହୋଇ ଘରକୁ ଫେରିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୪.୧ ଦିନରେ ଦ୍ୱିଗୁଣିତ ହେଉଛି। ତବଲିଗ୍ ଜମାତ ଘଟଣା ଘଟିନଥିଲେ ଆକ୍ରାନ୍ତଙ୍କ ସଂଖ୍ୟା ୭.୪ ଦିନରେ ଦ୍ୱିଗୁଣିତ ହୋଇଥା'ନ୍ତା। କାରଣ ତବଲିଗ୍ ଜମାତ ଯୋଗୁଁ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ତବଲିଗ୍‌ରେ ଯୋଗଦେଇଥିବା ଲୋକଙ୍କ ମଧ୍ୟରୁ ୧୭ ରାଜ୍ୟରେ ୧୦୨୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ବିଭିନ୍ନ ରାଜ୍ୟରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ମୃତ ଓ ଆକ୍ରାନ୍ତ ତାଲିକାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଛି। ଏହି ରାଜ୍ୟରେ ୪୯୦ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୪ ଜଣ ପ୍ରାଣ ହରାଇଛନ୍ତି। ଏହାବ୍ୟତୀତ ତାମିଲନାଡୁରେ ୪୮୫ ଆକ୍ରାନ୍ତ ଓ ୩ ମୃତ, ଦିଲ୍ଲୀରେ ୪୪୫ ଆକ୍ରାନ୍ତ ଓ ୬ ମୃତ, କେରଳରେ ୩୦୬ ଆକ୍ରାନ୍ତ ଓ ୨ ମୃତ, ତେଲଙ୍ଗାନାରେ ୨୬୯ ଆକ୍ରାନ୍ତ ଓ ୭ ମୃତ, ଉତ୍ତର ପ୍ରଦେଶରେ ୨୨୭ ଆକ୍ରାନ୍ତ ଓ ୨ ମୃତ, ରାଜସ୍ଥାନରେ ୨୦୦ ଆକ୍ରାନ୍ତ, ଆନ୍ଧ୍ର ପ୍ରଦେଶରେ ୧୬୧ ଆକ୍ରାନ୍ତ ଓ ୧ ମୃତ, କର୍ଣ୍ଣାଟକରେ ୧୪୪ ଆକ୍ରାନ୍ତ ଓ ୪ ମୃତ, ଗୁଜୁରାଟରେ ୧୦୫ ଆକ୍ରାନ୍ତ ଓ ୧୦ ମୃତ, ମଧ୍ୟପ୍ରଦେଶରେ ୧୦୪ ଆକ୍ରାନ୍ତ ଓ ୬ ମୃତ, ଜମ୍ମୁ-କଶ୍ମୀରରେ ୯୨ ଆକ୍ରାନ୍ତ ଓ ୨ ମୃତ, ପଶ୍ଚିମ ବଙ୍ଗରେ ୬୯ ଆକ୍ରାନ୍ତ ଓ ୩ ମୃତ, ପଞ୍ଜାବରେ ୫୭ ଆକ୍ରାନ୍ତ ଓ ୫ ମୃତ, ହରିଆଣାରେ ୪୯ ଆକ୍ରାନ୍ତ, ବିହାରରେ ୩୦ ଆକ୍ରାନ୍ତ ଓ ୧ ମୃତ, ଆସାମରେ ୨୪ ଆକ୍ରାନ୍ତ, ଉତ୍ତରାଖଣ୍ଡରେ ୨୨ ଆକ୍ରାନ୍ତ, ଓଡ଼ିଶାରେ ୨୩ ଆକ୍ରାନ୍ତ, ଚଣ୍ଡିଗଡ଼ରେ ୧୮ ଆକ୍ରାନ୍ତ, ଲଦାଖରେ ୧୪ ଆକ୍ରାନ୍ତ, ଆଣ୍ଡାମାନ ଓ ନିକୋବରରେ ୧୦ ଆକ୍ରାନ୍ତ, ଛତିଶଗଡ଼ରେ ୯ ଆକ୍ରାନ୍ତ, ହିମାଚଳ ପ୍ରଦେଶରେ ୬ ଆକ୍ରାନ୍ତ ଓ ୧ ମୃତ, ପୋଡୁଚେରୀରେ ୫ ଆକାନ୍ତ, ଝାଡ଼ଖଣ୍ଡରେ ୨ ଆକ୍ରାନ୍ତ, ମଣିପୁରରେ ୨ ଆକ୍ରାନ୍ତ, ମିଜୋରାମରେ ୧ ଆକ୍ରାନ୍ତ ଓ ଅରୁଣାଚଳ ପ୍ରଦେଶରେ ୧ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ସିଆରପିଏଫ ଡିଜି ଏପି ମାହେଶ୍ୱରୀ ଓ ଅନ୍ୟ ୨୦ ଜଣ ବିଭାଗୀୟ ଅଫିସର ଏବେ ସଙ୍ଗରୋଧରେ ଅଛନ୍ତି। କାରଣ ସିଆରପିଏଫର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କରୋନା ଭୂତାଣୁ ପଜିଟିଭ ଆସିଛି। ଏହି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସଂସ୍ପର୍ଶରେ ଡିଜି ଓ ଅନ୍ୟ ଅଧିକାରୀମାନେ ଆସିଥିଲେ। ବିଭାଗର ଅନ୍ୟ ଅଫିସରମାନେ ମଧ୍ୟ ସେମାନଙ୍କ ରକ୍ତ ନମୂନା ପରୀକ୍ଷା ପାଇଁ ଦେଇଛନ୍ତି। ଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରୁ ୭ ଜଣ ମାଲେସିଆ ନାଗରିକଙ୍କୁ ଧରା ଯାଇଛି। ସେମାନେ ସମସ୍ତେ ତବଲିଗ୍ ଜମାତ୍‌ରେ ଯୋଗଦେଇଥିଲେ। ବିମାନବନ୍ଦରରେ ଥିବା ଇମିଗ୍ରେସନ କାର୍ଯ୍ୟାଳୟକୁ ଯାଇ ନିଜ ଦେଶକୁ ମାଲିଣ୍ଡୋ ଏୟାର ବିମାନରେ ଫେରିବାକୁ ଉଦ୍ୟମ କରୁଥିଲେ। ଇମିଗ୍ରେସନ ବିଭାଗର କର୍ମଚାରୀମାନେ ସେମାନଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛନ୍ତି। ପୁଲିସ ସେମାନଙ୍କ ୧୪ ଦିନ ପାଇଁ ସଙ୍ଗରୋଧରେ ରଖିବାର ବ୍ୟବସ୍ଥା କରିଛି। ଏହାପରେ ଦିଲ୍ଲୀ ବିମାନ ବନ୍ଦରକୁ ବିଶୋଧନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ବରିଷ୍ଠ ନେତାମାନଙ୍କ ସହିତ କରୋନା ଭୂତାଣୁ ଜନିତ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସେମାନଙ୍କଠାରୁ ଦେଶରେ ଏହି ପରିସ୍ଥିତି ସଂପର୍କରେ ପରାମର୍ଶ ନେଇଛନ୍ତି। ସେ ଆଜି ପୂର୍ବତନ ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ପାଟିଲ ଓ ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଦେବ ଗୌଡ଼ା ଓ ମନମୋହନ ସିଂହ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। କରୋନା ଭୂତାଣୁ ବାୟୁ ଦ୍ୱାରା ସଂକ୍ରମଣ ହୁଏ ନାହିଁ ବୋଲି ଆଇସିଏମଆର ସୂତ୍ରରୁ ଜଣାଯାଇଛି। ଏହି ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି ଯେ ଭାରତରେ ଆଜି ସୁଦ୍ଧା ୩୫୭୭ ଜଣ କରୋନା ଦ୍ୱାରା ସଂକ୍ରମିତ ହେଲେଣି। ତେବେ ଏହା ବାୟୁ ଦ୍ୱାରା ସଂକ୍ରମିତ ହୁଏ ବୋଲି କୌଣସି ପ୍ରମାଣ ମିଳିନାହିଁ। ଏହା କେବଳ ସଂସ୍ପର୍ଶ ଯୋଗେ ସଂକ୍ରମିତ ହୋଇଥାଏ ଏ ଯାଏଁ ଜଣାପଡ଼ିଛି। ପରିବାରରେ ଜଣେ ସଂକ୍ରମିତ ହେଲେ ଅନ୍ୟମାନଙ୍କୁ ତାହା ମଧ୍ୟ ସଂକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୬୦ରୁ ଅଧିକ ବର୍ଷ ବୟସର ବ୍ୟକ୍ତିଙ୍କୁ କରୋନା ଅଧିକ ମାତ୍ରାରେ ସଂକ୍ରମିତ କରିଥାଏ ବୋଲି ପୂର୍ବରୁ ଯାହା କୁହାଯାଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି।

# ୪୧୦ ଜିଲ୍ଲାର ଜାତୀୟ କରୋନା ସର୍ଭେ ରିପୋର୍ଟ ଉନ୍ମୋଚନ

**ନୂଆଦିଲ୍ଲୀ :** କୋଭିଡ-୧୯ ସମ୍ପର୍କିତ ଜାତୀୟ ପ୍ରସ୍ତୁତି ସର୍ଭେ ରିପୋର୍ଟକୁ କେନ୍ଦ୍ର ସାଧାରଣ ଅଭିଯୋଗ, କାର୍ମିକ ଓ ପେନସନ ମନ୍ତ୍ରୀ ଡଃ ଜିତେନ୍ଦ୍ର ସିଂ ଆଜି ଉନ୍ମୋଚନ କରିଛନ୍ତି । ୨୦୧୪ ରୁ ୨୦୧୮ ବ୍ୟାଚ ଭାରତୀୟ ପ୍ରଶାସନିକ ଅଧିକାରୀମାନଙ୍କ ମତାମତ ଉପରେ ପର୍ଯ୍ୟବେଶିତ ଏହି ରିପୋର୍ଟ **https://darpg.gov.in.** ୱେବସାଇଟରେ ଉପଲବ୍ଧ ଅଛି। କୋଭିଡ-୧୯ ଜାତୀୟ ପ୍ରସ୍ତୁତି ସର୍ଭେ ୨୦୨୦ ଦେଶର ୪୧୦ ଜିଲ୍ଲାରେ ୩ଟି କାର୍ଯ୍ୟକାରୀ ଦିବସକୁ ନେଇ ପ୍ରସ୍ତୁତ ହୋଇଛି । ସ୍ୱାଧିନତା ପରେ ଦେଶ ସମ୍ମୁଖିନ ହେଉଥିବା ସବୁଠାରୁ ବଡ ଜଟିଳ ପରିସ୍ଥିତିର ଏହା ଏକ ବିହଙ୍ଗାବୋଲକନ ବୋଲି କୁହାଯାଇପାରେ। ଏହି ସର୍ଭେର ଲକ୍ଷ୍ୟଗୁଡିକ ହେଲା –ବିଭିନ୍ନ ରାଜ୍ୟ ରାଜ୍ୟ ମଧ୍ୟରେ କୋଭିଡ-୧୯ର ପ୍ରସ୍ତୁତି ନେଇ ଏକ ତୁଳନାତ୍ମକ ବିଶ୍ଳେଷଣ। କୋଭିଡ-୧୯ର ମୁଖ୍ୟ ପ୍ରାଥମିକତା ଓ ସମ୍ମୁଖିନ ହେଉଥିବା ବାଧାବିଘ୍ନ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀ ଯାହା ଦେଖନ୍ତି ଆନୁଷ୍ଠାନିକ, ଢ଼ାଂଚାଗତ ଓ ହସ୍ପିଟାଲ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ, ସୁବିଧା ଅସୁବିଧାଗୁଡିକୁ ଚିହ୍ନଟ କରି ଜିଲ୍ଲା ସ୍ତରରେ ତାହାର ନିରାକରଣର ଉପାୟ। ଦେଶର ୪୧୦ଟି ଜିଲ୍ଲାର କୋଭିଡ-୧୯ର ପ୍ରସ୍ତୁତି ନେଇ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ମତ ଉପରେ ଏହି ସର୍ଭେ ଆଧାରିତ । ୨୦୧୪-୨୦୧୮ ମଧ୍ୟରେ ଭାରତ ସରକାରଙ୍କ ସହକାରୀ ସଚିବ ଭାବେ ନିଯୁକ୍ତ ପ୍ରଶାସନିକ ଅଧିକାରୀ ଏବଂ ଜିଲ୍ଲାପାଳମାନେ ଏହି ସର୍ଭେରେ ଅଂଶଗ୍ରହଣ କରିଥିଲେ । ମାର୍ଚ୍ଚ ୨୫ ରୁ ୩ଟି କାର୍ଯ୍ୟକାରୀ ଦିବସ ମଧ୍ୟରେ ଏହି ସର୍ଭେକ୍ଷଣ କରାଯାଇଥିଲା । ଏ ସମ୍ପର୍କରେ ସୂଚନା ଦେଇ ଡଃ ଜିତେନ୍ଦ୍ର ସିଂ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୧୯ ଓ ୨୪ ତାରିଖରେ ଦେଶବାସୀଙ୍କୁ ଦେଇଥିବା ଉଦ୍‌ବୋଧନ କାଳରେ ଯେକୌଣସି ମତେ କରୋନା ସଂକ୍ରମଣର ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ । ବିଶ୍ୱ ମାହାମାରୀକୁ ରୋକିବା ଦିଗରେ ଜନସାଧାରଣଙ୍କ ଆକୁଣ୍ଠ ସମର୍ଥନ ଥିବାବେଳେ ଲକ୍ଷ୍ୟ ଲକ୍ଷ୍ୟ ପ୍ରଶାସନିକ ଅଧିକାରୀ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଏପର୍ଯ୍ୟନ୍ତ ଅକ୍ଳାନ୍ତ ଉଦ୍ୟମ ଜାରୀ ରଖିଛନ୍ତି। ଡଃ ସିଂ କହିଛନ୍ତି ଯେ, କୋଭିଡ-୧୯ ସମ୍ପର୍କିତ ଜାତୀୟ ସର୍ଭେ ଆହ୍ୱାନମୂଳକ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ସମନ୍ୱୟର ସହିତ କାର୍ଯ୍ୟକାରୀ ହୋଇଛି । ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସମନ୍ୱୟ ଏହି ମହାମାରୀ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଅତ୍ୟାବଶ୍ୟକ ହୋଇଛି । ସରକାରଙ୍କ ଜନତା କର୍ଫ୍ୟୁ, ଜାତୀୟ ଲକଡାଉନ, ୧.୭ ବିଲିୟନ ଟଙ୍କାର ଆର୍ଥିକ ପ୍ୟାକେଜ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଘୋଷଣା ଇତ୍ୟାଦି ଏହି ସର୍ଭେରେ ସ୍ଥାନିତ ହୋଇଛି। ଏହି ଅବସରରେ ଡଃ ସିଂ ପ୍ରଶାସନିକ ଅଧିକାରୀ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କ୍ଷେତ୍ରର ବିଶେଷଜ୍ଞ, ପୁଲିସ ଅଧିକାରୀ ଇତ୍ୟାଦିଙ୍କ ଲକଡାଉନ କାଳରେ କରିଥିବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ଭାରତୀୟ ନାଗରିକମାନେ କୋଭିଡ-୧୯ ପାଇଁ କରାଯାଇଥିବା ନିୟମାବଳୀକୁ ପଦ୍ଧତିଗତ ଭାବେ ପାଳନ କରିଥିବା ସେ କହିଛନ୍ତି । ସେ କହିଛନ୍ତି ଯେ, ଜାତୀୟ ଓ ରାଜ୍ୟ ସ୍ତରରେ ନୀତି ନିର୍ଣ୍ଣୟକାରୀମାନଙ୍କ ପାଇଁ ଏହି ସର୍ଭେ ଏକ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବ । ଏଭଳି ଜଟିଳ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନେଇଥିବା ଦୃଢ଼ ପଦକ୍ଷେପ ପାଇଁ ସେ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି ସର୍ଭେ ରିପୋର୍ଟ ଉନ୍ମୋଚନ କାଳରେ ଡିଏଆରପିଜି ସଚିବ ଡଃ କ୍ଷେତ୍ରପତି ଶିବାଜୀ, ଅତିରିକ୍ତ ସଚିବ ଭି.ଶ୍ରୀନିବାସ, ସଯୁକ୍ତ ସଚିବ ଜୟା ଦୁବେ ଓ ଏନବିଏସ ରାଜପୁତ ପ୍ରମୁଖ ଭିଡିଓ କନଫରେନ୍ସ ଜରିଆରେ ଉପସ୍ଥିତ ଥିଲେ।

# ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ପଞ୍ଜୀକରଣ ବୈଧତା ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି



**ନୂଆଦିଲ୍ଲୀ :** ଫେବୃଆରୀ ପହିଲା ସୁଦ୍ଧା ଶେଷ ହୋଇଥିବା ଡ୍ରାଇଭିଂ ଲାଇସେନ୍ସ, ପରମିଟ ଓ ଗାଡ଼ି ପଞ୍ଜୀକରଣ ଓ ଅନ୍ୟାନ୍ୟ ମୋଟରଯାନ କାଗଜପତ୍ରର ବୈଧତାକୁ ସରକାର ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି । କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏହି ମର୍ମରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ଦିଆଯାଇଥିବା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଏସବୁ ମୋଟରଯାନ କାଗଜପତ୍ର ଯାହାର ବୈଧତା ଫେବୃଆରୀ ୧ ସୁଦ୍ଧା ଶେଷ ହୋଇଛି ସେସବୁକୁ ଜୁନ ଶେଷ ଯାଏ ବୈଧଭାବେ ଗ୍ରହଣ କରିବାକୁ ହେବ। ସାମ୍ପ୍ରତିକ କରୋନା ସଂକ୍ରମଣ ଜନିତ ସ୍ଥିତି ଦୃଷ୍ଟିରୁ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି। ଏବେ ସମଗ୍ର ଦେଶରେ ଲକଡାଉନ ଜାରି ରହିଛି। ଏଭଳି ସ୍ଥିତିରେ ଲୋକେ ନିଜ ମୋଟରଯାନର ଲାଇସେନ୍ସ, ପଞ୍ଜୀକରଣ, ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ରର ନବୀକରଣ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ପରିବହନ କାର୍ଯ୍ୟାଳୟମାନ ଏବେ ବନ୍ଦ ଥିବାରୁ ଏ କ୍ଷେତ୍ରରେ ଅଧିକ ଅସୁବିଧା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏହି ନିଷ୍ପତି ନେଇଛି। ସଂପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ଅନୁରୋଧ କରାଯାଇଛି । ଏହି କୋହଳ ବ୍ୟବସ୍ଥା ଦ୍ୱାରା ସଂକଟର ଏହି କ୍ଷଣରେ ଲୋକେ, ପରିବହନକାରୀ ଓ ବିଭିନ୍ନ ସଂଗଠନ ଅତ୍ୟାବଶ୍ୟକ ସେବା ସୁବିଧାରେ ଯୋଗାଇପାରିବେ ଏବଂ କୌଣସି ପ୍ରକାର ଅସୁବିଧା ବା ହଇରାଣ ହରକତର ସମ୍ମୁଖୀନ ହେବେ ନାହିଁ ବୋଲି ମନ୍ତ୍ରଣାଳୟ ପଧକ୍ଷରୁ କୁହାଯାଇଛି।

**କୋଭିଡ-୧୯ର ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ମତ ବିନିମୟ**

# 'କରୋନାକୁ ରୋକିବାରେ ସମସ୍ତ ରାଜ୍ୟ ଏକାଠି ହୋଇ ପଦକ୍ଷେପ ନେବା ପ୍ରଶଂସା ଯୋଗ୍ୟ'




**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ଜରିଆରେ କୋଭିଡ-୧୯ର ମୁକାବିଲାକୁ ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ମତ ବିନିମୟ କରିଛନ୍ତି । ଲକଡାଉନ ନିଷ୍ପତିକୁ ସୁଚାରୁରୂପେ ପାଳନ କରିବା ଯୋଗୁଁ କୋଭିଡ-୧୯ର ପ୍ରଭାବକୁ ସୀମିତ କରାଯାଇପାରିଥିବାରୁ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡିକୁ ଧନ୍ୟବାଦ ଦେଇଛନ୍ତି । ସବୁ ରାଜ୍ୟ ସଂକ୍ରମଣକୁ ରୋକିବା ଦିଗରେ ଏକାଠି ହୋଇ କାର୍ଯ୍ୟ କରିଥିବାରୁ ସେ ତାହାର ପ୍ରଶଂସା କରିଛନ୍ତି । ବିଶ୍ୱବ୍ୟାପୀ କରୋନା ସଂକ୍ରମଣର ମୁକାବିଲା ସେଭଳି ସନ୍ତୋଷଜନକ ହୋଇପାରିନଥିବା ବେଳେ ଏହି ସଂକ୍ରମଣ ପୁଣି ଲେଉଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସେ କହିଛନ୍ତି। ଦେଶରେ କରୋନା ପାଇଁ ଯେପରି ବେଶି ଲୋକଙ୍କ ପ୍ରାଣହାନୀ ନହୁଏ ତାହା ବର୍ତ୍ତମାନର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ କେତେକ ସପ୍ତାହ ପର୍ଯ୍ୟନ୍ତ ପରୀକ୍ଷା, ଚିହ୍ନଟିକରଣ, ଏକାନ୍ତବାସ ଏବଂ କ୍ୱାରେନଟାଇନ ଭଳି ପ୍ରକ୍ରିୟାକୁ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ କରିବାକୁ ପଡିବ। ଆବଶ୍ୟକ ଔଷଧପତ୍ର, ଔଷଧପତ୍ର ତିଆରି ପାଇଁ କଂଚାମାଲ ଏବଂ ମେଡିକାଲ ଉପକରଣର ଉପଯୁକ୍ତ ଯୋଗାଣ ଉପରେ ଆଲୋକପାତ କରିଛନ୍ତି। କୋଭିଡ-୧୯ ରୋଗୀମାନଙ୍କ ପାଇଁ ପୃଥକ ଓ ଉତ୍ସର୍ଗୀକୃତ ହସ୍ପିଟାଲ ସୁବିଧା ଆବଶ୍ୟକ ବୋଲି ସେ କହିଛନ୍ତି। ଚିକିତ୍ସକମାନଙ୍କ ଅଭାବ ପୂରଣ କରିବା ନିମନ୍ତେ ଆୟୁଷ ଡାକ୍ତରମାନଙ୍କ ସେବା, ଅନଲାଇନ ତାଲିମ ଓ ପାରାମେଡିକାଲ ଷ୍ଟାଫ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ଏ ଦିଗରେ ନିୟୋଜିତ କରିବାକୁ ପ୍ରଧାନମନ୍ତ୍ରୀ ରାଜ୍ୟମାନଙ୍କୁ କହିଛନ୍ତି। ଏ ସମସ୍ତର ସମନ୍ୱୟ ଯେପରି ଠିକ ରହେ ସେଥିପାଇଁ ଜିଲ୍ଲା ସ୍ତରରେ ପରିସ୍ଥିତି ପରିଚାଳନା ଗ୍ରୁପମାନ ଗଠନ କରାଯାଇ ଜିଲ୍ଲା ପର୍ଯ୍ୟବେକ୍ଷକ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । କେବଳ ଅଧିସ୍ୱୀକୃତ ପରୀକ୍ଷାଗାରରୁ ତଥ୍ୟ ସଂଗ୍ରହ କରାଗଲେ ଏହା ଜିଲ୍ଲା, ରାଜ୍ୟ ଓ କେନ୍ଦ୍ରୀୟ ସ୍ତରରେ ସଠିକ ଆକଳନ ଦେଇପାରିବ। ବ୍ୟାଙ୍କଗୁଡିକରେ ଅଯଥା ଭିଡ କମାଇବା ପାଇଁ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଅଧିନସ୍ଥ ହିତାଧିକାରୀମାନଙ୍କ ଖାତାରେ ଅର୍ଥ ଜମା କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଶସ୍ୟ ଅମଳର ସମୟ ହୋଇଥିବାରୁ ଲକଡାଉନ କାଳରେ ରାଜ୍ୟମାନେ କିଛି କୋହଳତା ଅବଲମ୍ବନତା କଲେ ମଧ୍ୟ ସାମାଜିକ ଦୂରତ୍ୱ ଯେପରି ବଜାୟ ରହେ ତାହା ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି। ଏପିଏମସି ଛଡା ଅନ୍ୟ କୌଣସି ଉପାୟରେ ଶସ୍ୟ ସଂଗ୍ରହ ପାଇଁ ରାଜ୍ୟଗୁଡିକୁ ପରାମର୍ଶ ଦେଇଥିବା ବେଳେ ଗ୍ରାମାଂଚଳରେ କିଛି ନୂତନ ବ୍ୟବସ୍ଥା କରିବା ପାଇଁ କହିଛନ୍ତି। ଏଭଳି ଜଟିଳ ପରିସ୍ଥିତିରେ ନିରବଚ୍ଛିନ ସାହାଯ୍ୟ ଓ ପରାମର୍ଶ ପାଇଁ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱର ପ୍ରଶଂସା କରିଛନ୍ତି। ଲକଡାଉନ ଭଳି ସମୟୋଚିତ ତଥା କଠୋର ନିଷ୍ପତି ଯୋଗୁଁ ସଂକ୍ରମଣ ଅନେକ ମାତ୍ରାରେ ରୋକିବା ସମ୍ଭବ ହୋଇଥିବାରୁ ସେମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି । ଏହି ଅବସରରେ ସାମାଜିକ ଦୂରତ୍ୱ ରକ୍ଷା, ସଂଦିଗ୍ଧ ରୋଗୀମାନଙ୍କୁ ଚିହ୍ନଟ କରିବା, ନିଜାମୁଦ୍ଦିନ ମର୍କଜରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କ୍ୱାରେନଟାଇନରେ ରଖିବା, ହସ୍ପିଟାଲ ଭିତିଭୂମିକୁ ସୁଦୃଢ଼ କରିବା, ମାନସିକ ସ୍ୱାସ୍ଥ୍ୟ ପରାମର୍ଶ, ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀର ସୁବଂଟନ ଓ ଦାଦନ ଶ୍ରମିକମାନଙ୍କ ଯତ୍ନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ତେବେ ରାଜ୍ୟଗୁଡିକ ଏହି ପରିସ୍ଥିତିର ସାମ୍ନା କରିବା ପାଇଁ ଆବଶ୍ୟକ ସମ୍ବଳ ଆହରଣ ସମ୍ପର୍କରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସ୍ତାବ ଓ ତୃଣମୂଳ ସ୍ତରର ସ୍ଥିତି ସମ୍ପର୍କରେ ଅବଗତ କରାଇଥିବାରୁ ମୁଖ୍ୟମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବର୍ତ୍ତମାନ ଯୁଦ୍ଧକାଳୀନ ପରିସ୍ଥିତିରେ ରୋଗ ସଂକ୍ରମଣର ନାଭି କେନ୍ଦ୍ରକୁ ଚିହ୍ନଟ କରି ଯେପରି ସଂକ୍ରମଣ ଅଧିକ ନ ବ୍ୟାପିବ ସେ ଦିଗରେ କାର୍ଯ୍ୟ କରିବାକୁ ପ୍ରାଥମିକତା ଦେବାକୁ କହିଥିଲେ। ଦେଶବ୍ୟାପୀ ଶାନ୍ତିର ବତାବରଣ ତଥା ଉନ୍ନତ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ସେ କହିଥିଲେ। ସେ କହିଥିଲେ ଯେ, କୋଭିଡ-୧୯ ଆମର ବିଶ୍ୱାସ ଉପରେ କୁଠାରଘାତ କରିବା ସହ ଜୀବନଧାରଣର ଧାରାକୁ ସଙ୍କଟ ମୁଖକୁ ଠେଲି ଦେଇଛି। ସେ ରାଜ୍ୟ, ଜିଲ୍ଲା, ସହର ଓ ବ୍ଲକ ସ୍ତରରେ ଏହି ମହାମାରୀର ମୁକାବିଲା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକାଠି ହେବାକୁ ସମାଜସେବୀ ସଂଗଠନର କର୍ମକର୍ତାମାନଙ୍କୁ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଲକଡାଉନର ଅବଧି ଶେଷ ହେବା ପରେ ସମଗ୍ର ଜନଜୀବନକୁ ପୁଣି ପୂର୍ବାବସ୍ଥାକୁ ଫେରାଇ ଆଣିବା ନେଇ ଏକ ସମ୍ମିଳୀତ ଉଦ୍ୟମ ଆବଶ୍ୟକ। ଏହି ଉପାୟ ସମ୍ପର୍କରେ ସୂଚନା ଦେବା ପାଇଁ ରାଜ୍ୟମାନେ ସର୍ବବିଧ ଉଦ୍ୟମ କରି ପ୍ରସ୍ତାବମାନ ପଠାଇବା ପାଇଁ ସେ କହିଥିଲେ। ସାମାଜିକ ଦୂରତ୍ୱର ଗୁରୁତ୍ୱ ଉପରେ ସେ ପ୍ରାଧାନ୍ୟ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରୀ ଏହି ଅବସରରେ ଲକଡାଉନକୁ ଅଧିକ କଡାକଡି ଭାବେ କେତେକ ରାଜ୍ୟରେ ପାଳନ କରିବାକୁ ଗୁରୁତ୍ୱ ଦେବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିୟମଗୁଡିକୁ ଜିଲ୍ଲା ସ୍ତରରେ କଡାକଡି ଲାଗୁ କରିବା ପାଇଁ କହିଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଦେଶର ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି, ନିଜାମୁଦ୍ଦିନ ମର୍କଜ ଯୋଗୁଁ ବିଭିନ୍ନ ସ୍ଥାନକୁ ଏହା ବ୍ୟାପିବାର ସୂଚନା ସହ ଜିଲ୍ଲା ଓ ଅନ୍ୟାନ୍ୟ ତଳ ସ୍ତରରେ ଯେପରି ସଂକ୍ରମଣ ଅଧିକ ନ ହୁଏ ସେଥିପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। କେନ୍ଦ୍ର ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ପ୍ରଧାନ ସଚିବ, କ୍ୟାବିନେଟ ସଚିବ, ଗୃହ ସଚିବ, ଆଇସିଏମଆରର ମହାନିର୍ଦ୍ଦେଶକ ଏହି ମତ ବିନିମୟରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଗୃହ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ସ୍ୱାସ୍ଥ୍ୟ ସଚିବମାନେ ଏହି ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

୩
EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୦୬ - ୧୨ ଏପ୍ରିଲ, ୨୦୨୦

## ପୋଷ୍ଟ ଅଫିସରେ ମିଳିବ ବ୍ୟାଙ୍କ୍‌ସେବା

**ଭୁବନେଶ୍ୱର :** କରୋନା ମୁକାବିଲା ପାଇଁ ସମଗ୍ର ଦେଶରେ ଲାଗୁ ହୋଇଛି ଲକ୍‌ଡାଉନ୍। ଏପରି ସ୍ଥିତିରେ ଓଡ଼ିଶା ପୋଷ୍ଟାଲ ସର୍କଲ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ ପୋଷ୍ଟ ଅଫିସରୁ ଟଙ୍କା ଉଠାଣ କରିବା ପାଇଁ ବ୍ୟବସ୍ଥା ହୋଇଛି। ଏନେଇ ସୂଚନା ଦେଇଛନ୍ତି ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ସୁବାସ ଚନ୍ଦ୍ର ବର୍ମା। ଶ୍ରୀ ବର୍ମା କହିଛନ୍ତି ଯେ, ଅଧାରଲିଙ୍କ୍ ଥିବା ସବୁ ବ୍ୟାଙ୍କ ଆକାଣ୍ଟଧାରୀ ଟଙ୍କା ଉଠାଇ ପାରିବେ। ତେବେ ଗତ ସପ୍ତାହରେ ୭ହଜାରରୁ ଅଧିକ ଟ୍ରାନ୍ସାକସନ୍‌ରେ ଲୋକେ ୨.୪୫କୋଟି ଟଙ୍କା ପୋଷ୍ଟାଲ ଏଟିଏମ୍‌ରୁ ଉଠାଇଛନ୍ତି। ସେହିଭଳି ଆଧାର ଏନେବଲ୍ଡ ପେମେଣ୍ଟ ସିଷ୍ଟମ ମାଧମରେ ପ୍ରାୟ ୫ହଜାର ଆକାଉଣ୍ଟରୁ ୩.୪୫କୋଟି ଟଙ୍କାର ଉଠାଣ ହୋଇଥିଲା। ଟଙ୍କା ଉଠାଣ ସେବା ସହ ଗରିବ ଲୋକଙ୍କୁ ମନି ଅର୍ଡର, ମାସ୍କ, ଗ୍ଲୋଭ୍‌ସ, ସାନିଟାଇଜର ଭଳି ପିପିଇ ଡେଲିଭରୀ କରିବା ସହ ଖାଦ୍ୟ ପହଞ୍ଚାଇବା ଭଳି ଦାୟିତ୍ୱ ବହନ କରିଛି। ସାଧାରଣ ଲୋକଙ୍କୁ ଯେଭଳି କିଛି ଅସୁବିଧା ନହୁଏ ସେଥିଲାଗି ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ପୋଷ୍ଟ ଅଫିସ ଅଧିକାରୀଙ୍କ ସହ ଆଲୋଚନାକରି ଏହି ସମସ୍ତ ସୁବିଧା ଉପଲବ୍ଧ କରିବା ପାଇଁ ପରାମର୍ଶ ଦେଉଛନ୍ତି।

## ରାସନ କାର୍ଡଧାରୀଙ୍କୁ ମିଳିବ ୧ ହଜାର ଟଙ୍କା

**ଭୁବନେଶ୍ୱର :** କରୋନା ପାଇଁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ପରିବାରକୁ ୧ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ ବୋଲି ଗତ ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ସେହି ଅନୁଯାୟୀ ଏହି ଅର୍ଥ ବଣ୍ଟନ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ବିଭାଗୀୟ ସଚିବ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଅର୍ଥ ବଣ୍ଟନ ତୁରନ୍ତ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀ ଏହି ଅର୍ଥ ପାଇବେ। ଉଭୟ ଯୋଜନାରେ ଏବେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୯୪ ଲକ୍ଷ ୧୫ ହଜାର ୮୩। ଏହା ବାଦ୍ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆଉ ୧ ଲକ୍ଷ ୩୬ ହଜାର ୬୧୨ଜଣ ନୂଆ ହିତାଧିକାରୀ ତାଲିକାଭୁକ୍ତ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ୧ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ। ଏ ବାବଦକୁ ମୋଟ୍ ୯୫୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସେହି ଅନୁଯାୟୀ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ବର୍ତ୍ତମାନ ଥିବା ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ କରିବାକୁ କୁହାଯାଇଛି। ପରବର୍ତ୍ତୀ ସମୟରେ ଯୋଗାଣ ବିଭାଗ ଏହି ଅର୍ଥ ଭରଣା କରିବ ବୋଲି ସଚିବ ଜଣାଇଛନ୍ତି। ପ୍ରତିଦିନ କେତେ ପରିମାଣର ଅର୍ଥ ଅଣାଗଲା, ତାହାର ବିବରଣୀ ଜିଲ୍ଲା ଯୋଗାଣ ଅଧିକାରୀ ବିଭାଗକୁ ଜଣାଇବେ।

# ଜୁଲାଇ ୨ୟ ସପ୍ତାହରେ +୨ ରେଜଲ୍ଟ!

**ଭୁବନେଶ୍ୱର :** ଏବେ କରୋନା ଭୂତାଣୁ କବଳରେ ସମଗ୍ର ବିଶ୍ୱ। ଏଭଳିସ୍ଥିତିରେ ରାଜ୍ୟରେ କରାନା ଭୂତାଣୁ (କୋଭିଡ୍-୧୯)କୁ ରୋକିବା ଲାଗି ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ସମଗ୍ର ଦେଶରେ ଲକ୍‌ଡାଉନ୍ କରାଯାଇଥିବାରୁ ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି। ଲକଡାଉନ୍ ଘୋଷଣା ହେବା ପରେ ଅନେକ ପରୀକ୍ଷା ସ୍ଥଗିତ କରାଯାଇଛି। ଯାହାକୁ ନେଇ ଉଭୟ ଅଭିଭାବକ ଏବଂ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତ। ବିଶେଷକରି ଚଳିତବର୍ଷ +୨ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ସର୍ବାଧିକ ଆଶଙ୍କା ଏବଂ ବିଚଳିତ ଅବସ୍ଥାରେ ରହିଛନ୍ତି। +୨ ପରୀକ୍ଷା ଶେଷ ହେବା ପୂର୍ବରୁ ଲକଡାଉନ ପାଇଁ ୬ଟି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା କେବେ ହେବ ଏବଂ ରେଜଲ୍ଟ କେବେ ପ୍ରକାଶ ପାଇବ ତାକୁ ନେଇ ଚିନ୍ତାରେ ଛାତ୍ରଛାତ୍ରୀ। ଏପ୍ରିଲ ୧୪ ପରେ ଯଦି ଲକ୍‌ଡାଉନ୍ ଉଠେ ଏବଂ ପରିସ୍ଥିତି ନିୟନ୍ତ୍ରଣାଧୀନ ହୁଏ ତେବେ ପୁନର୍ବାର +୨ ପରୀକ୍ଷା କରାଯିବ। ତେବେ ଚଳିତବର୍ଷ +୨ ଖାତାଦେଖା ଏବଂ ରେଜଲ୍ଟ ପ୍ରକାଶରେ ବହୁ ବିଳମ୍ବ ହେବ। ଏପରିକି ଏପ୍ରିଲ ୧୪ ପରେ ଯଦି ସବୁ କିଛି ଠିକ୍‌ଠାକ ରହେ ତେବେ ଫଳ ପ୍ରକାଶ ହେବାରେ ଜୁଲାଇ ୨ୟ ସପ୍ତାହ ହୋଇଯିବ ବୋଲି ଅନୁମାନ କରାଯାଇଛି। ପ୍ରକାଶଥାଉ କି, ୨୦୨୦ ଯୁକ୍ତ ଦୁଇ ପରୀକ୍ଷା ମାର୍ଚ୍ଚ ୩ରୁ ଆରମ୍ଭ ହୋଇଥିଲା। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଚଳିତବର୍ଷ ରାଜ୍ୟର ୨୦୪୧ ଟି ଜୁନିୟର କଲେଜରୁ ମୋଟ୍ ୩ଲକ୍ଷ ୫୦ହଜାର ୮୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେଥିରୁ କଳାରେ ୨,୨୦୪୩୭ ଜଣ, ବିଜ୍ଞାନରେ ୯୭,୫୪୬ ଜଣ, ବାଣିଜ୍ୟରେ ୨୫,୭୮୫ ଏବଂ ଧନ୍ଦାମୂଳକରେ ୭,୦୩୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୨୮ରେ ପରୀକ୍ଷା ଶେଷ ହେବା ପରେ ଏପ୍ରିଲ ୪ରୁ ଖାତା ଦେଖା ଆରମ୍ଭ ହେବା ସହ ମେ ୨ୟ ସପ୍ତାହ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ +୨ ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଚଳିତବର୍ଷ ଖାତାଦେଖାରେ ବିଳମ୍ବ ହେବ। +୨ ପରିଷଦର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ କହିବା ଅନୁଯାୟୀ, ୧୪ ପରେ ଯଦି ଅବସ୍ଥାରେ ସୁଧାର ଆସେ ତେବେ ସରକାରଙ୍କ ଠାରୁ ସବୁଜ ସଙ୍କେତ ପାଇବା ପରେ ଚଳିତମାସ ଶେଷ ସପ୍ତାହରେ ଅବଶିଷ୍ଟ ୬ଟି ବିଷୟର ପରୀକ୍ଷା କରାଯିବ। ୨ଟି ପର୍ଯ୍ୟାୟରେ ଖାତାଦେଖା ହେବ। ଖାତାଦେଖା ଲାଗି ପ୍ରାୟ ୨୦ରୁ ୨୫ଦିନ ସମୟ ଲାଗିଥାଏ। ଫଳରେ ଜୁନ ପ୍ରଥମ ସପ୍ତାହ ସୁଦ୍ଧା ଖାତାଦେଖା ପ୍ରକ୍ରିୟା ଶେଷ ହେବ। ପରେ ରେଜଲ୍ଟ ପ୍ରକାଶ ପାଇଁ ଚୂଡାନ୍ତ ପ୍ରକ୍ରିୟା ହେବ। ରାଜ୍ୟ ବାହାରେ ଟାବୁଲେସନ ଏବଂ ଫଳ ପତ୍ରିକା ପ୍ରକାଶ ଲାଗି କାର୍ଯ୍ୟ କରାଯାଉଥିବାରୁ ଜୁନ୍ ଶେଷ ସପ୍ତାହ କିମ୍ବା ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିବ। ତେଣୁ ଜୁନ ଶେଷ ସପ୍ତାହ କିମ୍ବା ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଅନୁମାନ କରାଯାଉଥିବା ବେଳେ ଅଧିକ ଏକ ସପ୍ତାହ ହାତରେ ରଖି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ପରୀକ୍ଷାର୍ଥୀମାନେ ବିଚଳିତ ହେବାର କିଛି ନାହିଁ। ଏହି ସମସ୍ୟା କେବଳ ରାଜ୍ୟର ନୁହେଁ ସମଗ୍ର ବିଶ୍ୱରେ ସମସ୍ୟା ସୃଷ୍ଟି ହୋଇଛି। ତେବେ ଚଳିତବର୍ଷ ପରୀକ୍ଷାର୍ଥୀଙ୍କୁ ଗ୍ରେସ ମାର୍କ ମିଳିବ କି ନାହିଁ ସେ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇନାହିଁ ବୋଲି ମଧ୍ୟ ସେ କହିଛନ୍ତି। ପ୍ରଶ୍ନପତ୍ର ଲାଗି ୨୦୨ଟି ହବ୍ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିପରି ଖାତାଦେଖା ଲାଗି ୫୮ଟି ମାନୁଆଲ ଏବଂ ୩୩ଟି ଇ-ମୂଲ୍ୟାଙ୍କନ କେନ୍ଦ୍ର କରାଯିବ। ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅନୁଯାୟୀ ୨୪ଲକ୍ଷ ୬୫ହଜାର ଉତ୍ତରଖାତା ମୂଲ୍ୟାୟନ କରାଯିବ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ପରୀକ୍ଷାର ଉତ୍ତରଖାତା ଦେଖିବା ଲାଗି ୧୭ହଜାର ୩୫୦ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଯୋଜିତ କରାଯିବ।

## ଫିକା ପଡିଲା ଶ୍ରୀରାମ ନବମୀ



**ଭୁବନେଶ୍ୱର :** ନିକଟରେ ପାଳିତ ହୋଇଯାଇଛି ପବିତ୍ର ଶ୍ରୀରାମ ନବମୀ। ମହାମାରୀ କରୋନା ଯୋଗୁଁ ସାରା ଦେଶ ଏବେ ଲକ୍‌ଡାଉନ୍। ରାସ୍ତାଘାଟଠାରୁ ଆରମ୍ଭ କରି ରାଜଧାନୀର ସମସ୍ତ ମଠ ମନ୍ଦିର, ମସ୍‌ଜିଦ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। କେବଳ ଚାଲିଛି ଠାକୁରଙ୍କର ନୀତିକାନ୍ତି କରାଯାଉଛି। ପ୍ରତିବର୍ଷ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ରାମ ନବମୀ ପର୍ବ ଭକ୍ତଙ୍କ ପାଇଁ ଫିକା ପଡ଼ିଛି। ପ୍ରଭୁ ରାମଚନ୍ଦ୍ରଙ୍କ ଦର୍ଶନ ନିମନ୍ତେ ରାମ ମନ୍ଦିର, ବିଷ୍ଣୁ ମନ୍ଦିରରେ ଜମିଲାନି ଭିଡ଼। କରୋନା ପାଇଁ ୟୁନିଟ-୩ସ୍ଥିତ ରାମମନ୍ଦିରକୁ ପୁଲିସ୍ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ବନ୍ଦ କରିଦିଆଯାଇଛି। ମନ୍ଦିର ଗେଟ୍‌ରେ ତାଲାବନ୍ଦ କରି ରଖିଥିଲା ପୁଲିସ୍। କରୋନା ମୁକାବିଲା ପାଇଁ ରାଜ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। କେବଳ ରାମ ମନ୍ଦିର ଭିତରେ ଥିବା ସେବକମାନେ ଠାକୁରଙ୍କ ରୀତିନୀତି ଅନୁଯାୟୀ ନୀତିକାନ୍ତି କରିଥିଲେ। ଭୋର ୪ଟାରୁ ଶୃଙ୍ଗାର ଆରତି କରାଯିବାପରେ ସକାଳ ୭ଟାରେ ପ୍ରଭୁ ଶ୍ରୀରାମଙ୍କର ମଙ୍ଗଳ ଆରତି କରାଯାଇଥିଲା। ପରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ନିକଟରେ ଅବକାଶ ନୀତି, ମହାସ୍ନାନ, ସକାଳ ଧୂପ ଓ ବେଶ ହୋଇଥିଲା। ପରେ ଶ୍ରୀରାମ ଚରିତ ମାନସ ନବାଙ୍ଗ ପରାୟଣର ପୂର୍ଣ୍ଣାହୁତି କରାଯାଇଥିଲା। ସେହିପରି ପୂର୍ବାହ୍ଣ ସାଢ଼େ ୧୦ଟାରୁ ହୋମ ଯଜ୍ଞ କରାଯାଇଥିଲା। ପୁଣି ସାଢ଼େ ୧୧ଟାରେ ଶ୍ରୀରାମଙ୍କର ଶୃଙ୍ଗାର କରାଯାଇଥିଲା। ମଧ୍ୟାହ୍ନ ୧୨ଟାରୁ ପ୍ରଭୁ ଶ୍ରୀରାମ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ପରେ ଶ୍ରୀରାମଙ୍କ ଜୟନ୍ତୀ ଆଳତି ହୋଇଥିଲା। ପରେ ପରେ ସନ୍ଧ୍ୟା ଆଳତି କରାଯିବା ପରେ ରାତି ୧୦ଟାରେ ଭୋଗ ଆରତୀ ଅନୁଷ୍ଠିତ ହୋଇଥିଲା ବୋଲି ଶ୍ରୀରାମ ମନ୍ଦିର ପରିଚାଳକ ମହାବୀର ପ୍ରସାଦ ଶର୍ମା କହିଛନ୍ତି। ଚଳିତବର୍ଷ ସର୍ବସାଧାରଣଙ୍କ ପାଇଁ ଦର୍ଶନକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ସେହିପରି ଇସ୍କନ ମନ୍ଦିରରେ ମଧ୍ୟ କେବଳ ନୀତିନିୟମ ହୋଇଥିଲା। ଦିନ ୧୨ଟାରୁ ସାଢ଼େ ୧୨ଟାରେ ଅଭିଷେକ କରାଯାଇଥିଲା। ଏହାପରେ ସନ୍ଧ୍ୟାରେ ନାମ କୀର୍ତ୍ତନ କରାଯିବା ସହ ଶ୍ରୀରାମଙ୍କ ଜନ୍ମାଭିଷେକ ଉପରେ ଆଲୋଚନା କରାଯାଇଥିଲା ବୋଲି ଇସ୍କନ ମନ୍ଦିରର ରାଧାକାନ୍ତ ଦାଶ ସୂଚନା ଦେଇଛନ୍ତି। ମନ୍ଦିର ଭିତରେ ଥିବା ଭକ୍ତମାନେ କେବଳ ଏଥିରେ ଉପସ୍ଥିତ ରହିଥିଲେ। ଚଳିତବର୍ଷ କରୋନା ଯୋଗୁଁ ଶ୍ରୀରାମ ନବମୀ ପାଇଁ ବିଶେଷ କିଛି ଆୟୋଜନ କରାଯାଇନାହିଁ। ଏହାବ୍ୟତୀତ ରାଜଧାନୀର ବହୁ ହନୁମାନ ମନ୍ଦିରରେ କେବଳ ନୀତିକାନ୍ତି କରାଯାଇ ମନ୍ଦିର ବନ୍ଦ କରିଦିଆଯାଇଥିଲା। ଅନ୍ୟପଟେ ଲକ୍‌ଡାଉନ୍‌କୁ ନଜରରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଘରେ ପହଞ୍ଚିବ ପିଡିଏସ୍ ସାମଗ୍ରୀ

**ଭୁବନେଶ୍ୱର :** ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟର ସମସ୍ତ ରାସନକାର୍ଡ ହିତାଧିକାରୀଙ୍କ ଘରେ ପହଞ୍ଚିବ ପିଡିଏସ୍ ସାମଗ୍ରୀ। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବର୍ତ୍ତମାନ ସୁଦ୍ଧା ୩୦ପ୍ରତିଶତ ହିତାଧିକାରୀଙ୍କ ଘରେ ରାସନ ସାମଗ୍ରୀ ପହଞ୍ଚାଇ ଦିଆଯାଇଛି। ଏକମାସ ପର୍ଯ୍ୟନ୍ତ ସରକାରଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରହିଥିବା ବେଳେ କଳାବଜାରୀଙ୍କ ଉପରେ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ସେ କହିଛନ୍ତି ଯେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ନଜର ଦେଉଥିବା ବେଳେ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ପିଡିଏସ୍ ସାମଗ୍ରୀ ଆଗୁଆ ଯୋଗାଇ ଦିଆଯିବା ସହ ୩ମାସର ସାମଗ୍ରୀ ଏକକାଳୀନ ଦେବାକୁ ସରକାର ଘୋଷଣା କରିଛନ୍ତି। ତେବେ କରୋନା ମୁକାବିଲା ଲାଗି ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଥିବାରୁ ହିତାଧିକାରୀଙ୍କ ଘରେ ସାମଗ୍ରୀ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବର୍ତ୍ତମାନ ପରିପ୍ରେକ୍ଷୀରେ ଲୋକମାନେ ବିଚଳିତ ନହୋଇ ଘରେ ରହିବାକୁ ମଧ୍ୟ ସେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

## କରୋନା ପାଇଁ ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର :** କରୋନା ମୁକାବିଲା କ୍ଷେତ୍ରରେ ସରକାରଙ୍କୁ ଦିଗଦର୍ଶନ ଦେବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅର୍ଥ ବିଭାଗର ପ୍ରମୁଖ ଶାସନ ଅଶୋକ ମୀନା ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, କରୋନା ମୁକାବିଲା ଲାଗି ମୁଖ୍ୟ ଶାସନ ସଚିବଙ୍କ ଓଏସ୍‌ଡି ଦାୟିତ୍ୱରେ ଥିବା କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ବିଶାଲ ଦେବ, ଆଇଟି ସଚିବ ମନୋଜ ମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧି ଏବଂ କରୋନା ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଓଏସ୍‌ଡି ଦାୟିତ୍ୱରେ ଥିବା ଆର୍ ଭିନିଲକ୍ରିଷ୍ଣା ପ୍ରମୁଖ ସଦସ୍ୟ ରହିଛନ୍ତି। ରାଜ୍ୟ ସରକାର କିଭଳି କରୋନା ମୁକାବିଲା କରିବେ ସେଥିପାଇଁ ଏହି କମିଟି ବିଭିନ୍ନ ଅନୁଷ୍ଠାନ, ବିଶେଷଜ୍ଞ, ଏ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ଓ ବୈଷୟିକ କମ୍ପାନୀଗୁଡ଼ିକ ସହିତ ଆଲୋଚନା କରି ରାଜ୍ୟ ସରକାରଙ୍କୁ ଦିଗଦର୍ଶନ ପ୍ରଦାନ କରିବେ। ଏହି କମିଟି ଚାହିଁଲେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରୁ ବ୍ୟକ୍ତି ବିଶେଷଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦେବା ସହିତ ପରାମର୍ଶଦାତା କ୍ଷେତ୍ରରେ ମୁତୟନ କରିପାରିବେ। ଏହି ଉଚ୍ଚସ୍ତରୀୟ କମିଟି ଗଠନ ଓ ଏହାର କାର୍ଯ୍ୟ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି ହୋଇଛି।

# ହାଇସ୍କୁଲରେ ଖାଲି ପଡିଛି ୧୩, ୨୨୬ ଶିକ୍ଷକ ପଦବୀ

**ଭୁବନେଶ୍ୱର :** ରାଜ୍ୟରେ ଉଭୟ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ପାଠ୍ୟକ୍ରମରେ ସୁଧାର ଆଣିବା ଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏପରିକି ରାଜ୍ୟରେ ଗୁଣାତ୍ମକ ଶିକ୍ଷାଦାନ ଏବଂ ଶୈକ୍ଷିକ ପରିବେଶ ପ୍ରତି ସରକାର ଗୁରୁତ୍ୱ ଦେଉଥିବା ବେଳେ ଦୁର୍ବଳ ପିଲାଙ୍କ ଲାଗି ମଧ୍ୟ ଉଜ୍ଜ୍ୱଳ ଉତ୍‌ଥାନ ଭଳି ଶିକ୍ଷାଦାନର ବ୍ୟବସ୍ଥା ହୋଇଛି। ତେବେ ରାଜ୍ୟର ସମସ୍ତ ହାଇସ୍କୁଲ ଗୁଡ଼ିକରେ ୧୩ହଜାର୨୨୬ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି। କରୋନା ସ୍ଥିତି ସୁଧୁରିବା ପରେ ରାଜ୍ୟରେ କିଭଳି ଶିକ୍ଷାଦାନ ହେବ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶଥାଉ କି, ରାଜ୍ୟର ସରକାରୀ ଅପ୍‌ଗ୍ରେଡେସନ୍ ହାଇସ୍କୁଲଗୁଡ଼ିକରେ ମୋଟ୍ ୩୮ହଜାର ୭୭୬ ଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୮୫୧୫ ପଦବୀ ଖାଲି ପଡ଼ିଛି। ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ ଅନୁଗୁଳ ଜିଲ୍ଲାରେ ୨୯୦ ପଦବୀ ଖାଲି ପଡ଼ିଥିବା ବେଳେ ବାଲେଶ୍ୱରରେ ୩୫୪, ବରଗଡ଼ରେ ୧୫୯, ଭଦ୍ରକରେ ୬୭ଟି, ବଲାଙ୍ଗିରରେ ୨୭୪, ବୌଦ୍ଧରେ ୬୨ଟି, କଟକରେ ୬୩୭, ଢେଙ୍କାନାଳରେ ୨୯୪ଟି, ଗଜପତିରେ ୯୮ଟି, ଗଞ୍ଜାମରେ ୬୮୪ଟି, ଜଗତସିଂହପୁରରେ ୩୮୪ଟି, ଯାଜପୁରରେ ୪୫୨, ଝାରସୁଗୁଡ଼ାରେ ୧୩୧, କଳାହାଣ୍ଡିରେ ୨୩୧, କନ୍ଧମାଳରେ ୧୩୮, କେନ୍ଦ୍ରାପଡ଼ାରେ ୪୨୪, କେନ୍ଦୁଝରରେ ୩୭୫, ଖୋର୍ଦ୍ଧାରେ ୩୬୨, କୋରାପୁଟରେ ୪୦୫, ମାଲକାନଗିରିରେ ୧୭୦, ମୟୂରଭଞ୍ଜରେ ୫୧୯, ନବରଙ୍ଗପୁରରେ ୨୫୧, ନୟାଗଡ଼ରେ ୩୩୩, ନୂଆପଡ଼ାରେ ୭୯, ପୁରୀରେ ୩୪୯, ରାୟଗଡ଼ାରେ ୨୫୫, ସମ୍ବଲପୁରରେ ୨୧୯, ସୁବର୍ଣ୍ଣପୁରରେ ୧୦୬ଏବଂ ସୁନ୍ଦରଗଡ଼ରେ ୩୯୩ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ମୋଟ୍ ୨୦ହଜାର ୬୨୯ ପଦବୀରୁ ୧୭୩୮ଟି ଶିକ୍ଷକ ପଦବୀ ଖାଲିପଡ଼ିଛି। ସେଥିରୁ ଅନୁଗୁଳ ଜିଲ୍ଲାରେ ୪୯ ପଦବୀ ଖାଲି ପଡ଼ିଥିବା ବେଳେ ବାଲେଶ୍ୱରରେ ୩୮, ବରଗଡ଼ରେ ୧୨୧, ଭଦ୍ରକରେ ୭୧, ବଲାଙ୍ଗିରରେ ୫୨, ବୌଦ୍ଧରେ ୬୦ଟି, କଟକରେ ୫୪, ଦେଓଗଡ଼ରେ ୩୮, ଢେଙ୍କାନାଳରେ ୬୮, ଗଜପତିରେ ୧୦୭ଟି, ଗଞ୍ଜାମରେ ୧୬ଟି, ଜଗତସିଂହପୁରରେ ୩୫ଟି, ଯାଜପୁରରେ ୯୩, ଝାରସୁଗୁଡ଼ାରେ ୩୭, କଳାହାଣ୍ଡିରେ ୩୮, କନ୍ଧମାଳରେ ୧୨୭, କେନ୍ଦ୍ରାପଡ଼ାରେ ୫୮, କେନ୍ଦୁଝରରେ ୭୮, ଖୋର୍ଦ୍ଧାରେ ୨୭, କୋରାପୁଟରେ ୫୨, ମାଲକାନଗିରିରେ ୩୬, ମୟୂରଭଞ୍ଜରେ ୧୦୫, ନବରଙ୍ଗପୁରରେ ୭୫, ନୟାଗଡ଼ରେ ୪୫, ନୂଆପଡ଼ାରେ ୩୦, ପୁରୀରେ ୫୮, ରାୟଗଡ଼ାରେ ୧୪, ସମ୍ବଲପୁରରେ ୩୩, ସୁବର୍ଣ୍ଣପୁରରେ ୪୧ ଏବଂ ସୁନ୍ଦରଗଡ଼ରେ ୮୨ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ମୋଟ୍ ୨୬ହଜାର ୫୬ଟି ପଦବୀରୁ ୨୯୭୩ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେଥିରୁ ଅନୁଗୁଳ ଜିଲ୍ଲାରେ ୭୧ ପଦବୀ ଖାଲି ପଡ଼ିଥିବା ବେଳେ ବାଲେଶ୍ୱରରେ ୧୯୬, ବରଗଡ଼ରେ ୧୧୩, ଭଦ୍ରକରେ ୩୬ଟି, ବଲାଙ୍ଗିରରେ ୧୫୮, ବୌଦ୍ଧରେ୨୭ଟି, କଟକରେ ୨୦୯, ଦେଓଗଡ଼ରେ ୪୪, ଢେଙ୍କାନାଳରେ ୭୦, ଗଜପତିରେ ୩୬ଟି, ଗଞ୍ଜାମରେ ୨୨୬ଟି, ଜଗତସିଂହପୁରରେ ୭୯ଟି, ଯାଜପୁରରେ ୧୯୦, ଝାରସୁଗୁଡ଼ାରେ ୫୧, କଳାହାଣ୍ଡିରେ ୬୮, କନ୍ଧମାଳରେ ୯୯, କେନ୍ଦ୍ରାପଡ଼ାରେ ୧୦୨, କେନ୍ଦୁଝରରେ ୨୦୮, ଖୋର୍ଦ୍ଧାରେ ୫୫, କୋରାପୁଟରେ ୪୭, ମାଲକାନଗିରିରେ ୩୯, ମୟୂରଭଞ୍ଜରେ ୧୭୪, ନବରଙ୍ଗପୁରରେ ୮୯, ନୟାଗଡ଼ରେ ୩୬, ନୂଆପଡ଼ାରେ ୬୮, ପୁରୀରେ ୮୫, ରାୟଗଡ଼ାରେ ୪୧, ସମ୍ବଲପୁରରେ ୬୨, ସୁବର୍ଣ୍ଣପୁରରେ ୧୦୩ ଏବଂ ସୁନ୍ଦରଗଡ଼ରେ ୧୯୧ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି।

# ମାଲ୍ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ



**ଭୁବନେଶ୍ୱର :** ପୂର୍ବତଟ ରେଳପଥ ୨୦୧୯-୨୦ ମସିହାରେ ୨୦୦ ମିଲିଅନ୍ ଟନ୍ ମାଲ୍ ପରିବହନ କରି ଭାରତୀୟ ରେଳପଥରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଗତ ଆର୍ଥିକ ବର୍ଷରେ ଏହି ରେଳପଥ ୧୯୧.୭୬ ମିଲିଅନ୍ ଟନ୍ ମାଲ୍ ପରିବହନ କରିଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ମାଲ୍ ବୋଝେଇ, ମାଲ୍ ପରିବହନରେ ଆୟ ଏବଂ ସାମଗ୍ରିକ ଆୟରେ ଭାରତୀୟ ରେଳପଥରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛି। ଦକ୍ଷିଣ-ପୂର୍ବ ରେଳପଥ ୧୭୧.୧୧ ମିଲିଅନ୍ ଟନ୍, ଦକ୍ଷିଣ-ପୂର୍ବ ମଧ୍ୟ ରେଳପଥ ୧୬୯ ମିଲିଅନ୍ ଟନ୍ ଓ ପୂର୍ବ ମଧ୍ୟ ରେଳପଥ ୧୪୮ ମିଲିଅନ୍ ଟନ୍ ମାଲ୍ ପରିବହନ ଏହି ଆର୍ଥିକ ବର୍ଷରେ କରିଛନ୍ତି। ନୂଆ ଜୋନାଲ୍ ରେଳପଥ ସୃଷ୍ଟି ହେଲାପରେ ପୂର୍ବତଟ ରେଳପଥ ପ୍ରଥମ ରେଳପଥ ଯିଏ ୨୦୦ ମିଲିଅନ୍ ଟନ୍ ମାଲ୍ ପରିବହନ କରିଛି। ୨୦୦୧-୦୨ ମସିହାରେ ଅବିଭକ୍ତ ଦକ୍ଷିଣ-ପୂର୍ବ ରେଳପଥ ୨୦୦ ମିଲିଅନ୍ ଟନ୍ ମାଲ୍ ପରିବହନକୁ ଅତିକ୍ରମ କରି ରେକର୍ଡ ସୃଷ୍ଟି କରିଥିଲା। ତେବେ ଏହି ଆର୍ଥିକ ବର୍ଷରେ ମାଲ୍ ପରିବହନ କ୍ଷେତ୍ରରେ ୨୦ ହଜାର ୧୨୫ କୋଟି ଆୟ କରିଛି ଯାହା ଗତ ଆର୍ଥିକ ବର୍ଷ ଆୟ ୧୮ ହଜାର ୧୮୦ କୋଟି ଅପେକ୍ଷା ୧୧ ପ୍ରତିଶତ ଅଧିକ ରହିଛି। ସେହିପରି ଅନ୍ୟ ରେଳପଥଗୁଡ଼ିକ ଆୟ କ୍ଷେତ୍ରରେ, ଦକ୍ଷିଣ-ପୂର୍ବ ରେଳପଥ ୧୪ ହଜାର ୪୫୯.୫ କୋଟି, ଦକ୍ଷିଣ-ପୂର୍ବ ମଧ୍ୟ ରେଳପଥ ୧୯ ହଜାର ୮୩୫ କୋଟି ଏବଂ ପୂର୍ବ-ମଧ୍ୟ ରେଳପଥ ୧୫ ହଜାର ୧୧୭.୮ କୋଟି ଆୟ କରିଛନ୍ତି। ଫାନି ସମୟରେ ମାଲ୍ ପରିବହନ ଓ ଟ୍ରେନ୍ ପରିଚାଳନାରେ ପ୍ରଚଣ୍ଡ ବାଧା ଉପୁଜିବାରୁ ରେଳପଥକୁ ୬୦୦ କୋଟି କ୍ଷତି ସହିବାକୁ ପଡ଼ିଥିଲେ। ଏହାସତ୍ତ୍ୱେ ପୂର୍ବତଟ ରେଳପଥ ଏହି ମାଇଲ୍‌ଷ୍ଟୋନ୍ ଠିଆ କରେଇ ପାରିଛି। ଫାନି ବାତ୍ୟାର ପ୍ରଚଣ୍ଡ ପ୍ରଭାବ ଏବଂ ବୃହତ୍ତର ମାଲ୍ ପରିବହନସ୍ଥଳୀଗୁଡ଼ିକ ଅଞ୍ଚଳରେ ନକ୍ସଲ୍ କାର୍ଯ୍ୟକଳାପ, ରେଳ ଟ୍ରାକ୍ ଉପରେ ମାଟି-ପଥର ଅତଡ଼ା ଖସି ଟ୍ରେନ୍ ପରିଚାଳନାରେ ବ୍ୟାହତ, ଶ୍ରମିକ ଆନ୍ଦୋଳନ ଇତ୍ୟାଦି ଅନ୍ୟାନ୍ୟ ବହୁ ବାଧା ସତ୍ତ୍ୱେ ରେଳପଥ ତାହାର କର୍ତ୍ତବ୍ୟନିଷ୍ଠତା ଓ ମାଲ୍ ପରିବହନରେ ଏକାଗ୍ରତା ଏହି ସଫଳତା ଆଣିଦେଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହାସହିତ ପୂର୍ବତଟ ରେଳପଥ ଏହି ସଫଳତା ନିମନ୍ତେ ୩ ରେଳମଣ୍ଡଳର କଠିନ ପରିଶ୍ରମକାରୀ ଓ ଉତ୍ସର୍ଗୀକୃତ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ପ୍ରଦାନ କରିବା ସହିତ ସମସ୍ତ ସହଯୋଗୀ ହିତାଧିକାରୀ ବା ଷ୍ଟକ୍ ହୋଲଡର୍ ଯଥା କୋଲିଆରୀ, ବନ୍ଦର, ଇସ୍ପାତ କାରଖାନା, ସିମେଣ୍ଟ, ଆଲୁମିନା ପ୍ଲାଣ୍ଟ, ପେଟ୍ରୋଲିୟମ୍ କମ୍ପାନୀ ଏବଂ ଭାରତର ଖାଦ୍ୟ ନିଗମଗୁଡ଼ିକୁ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛି। ପୂର୍ବତଟ ରେଳପଥ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ସରକାରଙ୍କ ନିରବଚ୍ଛିନ୍ନ ସହଯୋଗ ନିମନ୍ତେ ମଧ୍ୟ କୃତଜ୍ଞତା ଜଣାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଥିବା ପୂର୍ବ ଉପକୂଳ ଅଞ୍ଚଳର ଉନ୍ନତି ନିମନ୍ତେ ପୂର୍ବତଟ ରେଳପଥ ସଂକଳ୍ପବଦ୍ଧ ହୋଇଥିବା ବେଳେ ରେଳମନ୍ତ୍ରୀଙ୍କ ନେତୃତ୍ୱ ଏବଂ ରେଳୱେ ବୋର୍ଡର ପଥ ପ୍ରଦର୍ଶନ ଏହି ସଫଳତାର ମୁଖ୍ୟ ଆଧାର ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କରୋନା ସତର୍କତା

୧. ଗୃହର ସବୁ କୋଠରୀରେ ସକାଳ ସନ୍ଧ୍ୟାରେ ଝୁଣାଧୂଆଁ ବୁଲାନ୍ତୁ। ଝର୍କା କବାଟ ସାନିଟାରୀ କପଡ଼ାରେ ପୋଛନ୍ତୁ। ପ୍ରତିଦିନ ଡେଟଲ୍ ପାଣିରେ କୋଠରୀର ଚଟାଣ ପୋଛନ୍ତୁ। ଡଷ୍ଟବିନ୍‌ରୁ ଅଳିଆ ଫିଙ୍ଗି ଦିନକୁ ଦୁଇଥର ସଫା କରନ୍ତୁ।

୨. ସକାଳ କିମ୍ବା ଅପରାହ୍ନ ଖରାରେ ୧୦ ମିନିଟ୍ ଖୋଲା ଦେହରେ ବସନ୍ତୁ। ପ୍ରତି ୨ ଘଣ୍ଟାରେ ଥରେ ହାତପାପୁଲି ଡେଟଲ୍, ଲାଇଫ୍‌ବୟ ସାବୁନ କିମ୍ବା ହ୍ୟାଣ୍ଡ୍ ୱାସ୍‌ରେ ୧୦ ସେକେଣ୍ଡ୍ ପର୍ଯ୍ୟନ୍ତ ସଫାକରନ୍ତୁ।

୩. ଶୋରିଷ ତେଲରେ ତରକାରୀ ରାନ୍ଧନ୍ତୁ। ଷ୍ଟିଲ୍ ବାସନରେ ଭୋଜନ କରନ୍ତୁ ନାହିଁ। ଗରମ ଖାଦ୍ୟ ଖାଆନ୍ତୁ। ଉଷୁମ ପାଣି ପିଅନ୍ତୁ। ଖାଲି ପେଟରେ କିଛି ପାଖୁଡ଼ା ତୁଳସୀପତ୍ର ଚୋବାଇ ଖାଆନ୍ତୁ। ଖାଦ୍ୟରେ କିଛି କଞ୍ଚାରସୁଣ ଖାଆନ୍ତୁ। ଆମିଷ ଖାଉଥିଲେ ବ୍ରଏଲର କୁକୁଡ଼ା ଓ ଅଣ୍ଡା କିଛିଦିନ ବ୍ୟବହାର ନ କଲେ ଭଲ। ପ୍ରାକୃତିକ ସମୁଦ୍ର, ନଦୀ କିମ୍ବା ଚିଲିକା ମାଛ, ଛେଳିମାଂସ ଖାଇପାରନ୍ତି।

୪. ଜରୁରୀ କାମରେ ବାହାରକୁ ବାହାରିଲେ ମାସ୍କ ପିନ୍ଧନ୍ତୁ। କୋଳାହଳ ସ୍ଥାନରୁ ଦୂରେଇ ରହନ୍ତୁ। ବାହାରୁ ଆସିବା କ୍ଷଣି ହସ୍ତପାଦ, ମୁଖ ସଫାକରନ୍ତୁ। ଅଳ୍ପ କଥା କହନ୍ତୁ ଅଧିକ ନିରବ ରହନ୍ତୁ। ଏ.ସି ଅଳ୍ପ ବ୍ୟବହାର କରନ୍ତୁ। ପ୍ରତି ସନ୍ଧ୍ୟାରେ ଗରମ ଲୁଣପାଣି ଗାର୍ଗଲିଙ୍ଗ୍ କଲେ ଗଳା ସଂକ୍ରମଣ ସମ୍ଭାବନାକୁ ଏଡ଼ାଇ ହୁଏ।

୫. ବିଶ୍ୱବାସୀଙ୍କୁ ମହାବିପତ୍ତିରୁ ରକ୍ଷାକରିବା ପାଇଁ ସୃଷ୍ଟିକର୍ତ୍ତାବିଷ୍ଣୁଙ୍କୁ ପ୍ରାର୍ଥନା କରନ୍ତୁ। ଗୃହରେ ଓଁକାର ଧ୍ୱନି କରନ୍ତୁ। ଗୀତା, ଭାଗବତ, ହନୁମାନଚାଳିଶା ପାଠକରନ୍ତୁ। ପୂର୍ବପୁରୁଷଙ୍କ ନିତ୍ୟ ଚଳଣି ପଦ୍ଧତି ଆପଣାନ୍ତୁ।

**ସତର୍କତା ଆମ ଜୀବନର ଲକ୍ଷ୍ୟ ହେଉ।**

*ଯୋଗୀ ଗଣେଶ୍ୱର*
*ମିଶନ ଭାଗବତ, ଦୂରଭାଷ-୯୬୬୮୬୩୧୨୫୭*



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ଏପ୍ରିଲ, ୨୦୨୦

# ସଚେତନ ହେବା ଓ ଅନ୍ୟଙ୍କୁ ସଚେତନ କରିବା



ସମ୍ପାଦକୀୟ
ତାରକ ମହାନ୍ତି

ମହାମାରୀ କରୋନାକୁ ନେଇ ବିଶ୍ୱର ଅଳ୍ପ କେତେକ ରାଷ୍ଟ୍ରକୁ ବାଦ୍ ଦେଲେ ଅନ୍ୟ ସବୁଠି ଏହାର ଭୟାବହତା ଦେଖାଦେଇଛି। ଦ୍ରୁତ ବେଗରେ ସଂକ୍ରମଣ ସୃଷ୍ଟି କରିଥିବା କରୋନା ଭୂତାଣୁର ମୁକାବିଲା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନୟାନ୍ତ ହୋଇଗଲେଣି। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଭାରତ ସରକାର ଲକଡାଉନ୍ ଘୋଷଣା ଭଳି କଠୋର ନିଷ୍ପତ୍ତି ନେଇଥିବା ବେଳେ ପାକିସ୍ତାନ ସରକାର କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି। ଯେଉଁଥିପାଇଁ ଇମ୍ରାନ୍ ଖାନ୍ ସରକାର ସାଧାରଣରେ ସମାଲୋଚିତ ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକଡାଉନ୍ ନିଷ୍ପତ୍ତିକୁ ସମାଲୋଚନା କରି ଇମ୍ରାନ୍ ସରକାର ନିଜ ଦେଶରେ ସବୁଆଡୁ ନିନ୍ଦିତ ହୋଇଛନ୍ତି। ଅଥଚ ଇମ୍ରାନ୍ ବୁଝିପାରି ନାହାନ୍ତି ଯେ, ସମୟର ଆବଶ୍ୟକତା ଅନୁଯାୟୀ ଭାରତ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଇମ୍ରାନ୍ ନିଜ ଦେଶର ଲୋକଙ୍କୁ ସୁରକ୍ଷିତ ରଖିବା ବଦଳରେ ଚିରାଚରିତ ଢଙ୍ଗରେ ଭାରତକୁ ନିନ୍ଦା କରିବା ଆଉ ସମୀଚିନ ମନେହୁଏନାହିଁ। ଆମ ଦେଶରେ ସଂକ୍ରମଣ ଯେଉଁ ହାରରେ ଦେଖାଯାଉଥିଲା ତାହାକୁ ଶଙ୍କାରେ ପରିଣତ କଲା ନିଜାମୁଦ୍ଦିନ ସମାବେଶ। ନିଜାମୁଦ୍ଦିନ 'ମର୍କଜ୍' (ମସଜିଦ୍)ରେ ଅନୁଷ୍ଠିତ 'ତାବଲିଗ୍ ଜମାତ' ସମାବେଶ ମାଧ୍ୟମରେ ସମଗ୍ର ଦେଶକୁ ବ୍ୟାପିଥିବା କରୋନା ଭାରତ ସରକାରଙ୍କ ନିଦ ହଜାଇ ଦେଇଛି। ସୂଚନା ଅନୁଯାୟୀ ଏହି ସମାବେଶରେ ଦେଶ ବିଦେଶରୁ ପ୍ରାୟ ୩,୪୦୦ ଧର୍ମାବଲମ୍ବୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏବେ ସୁଦ୍ଧା ବହୁ ଜଣଙ୍କ ଠାରେ କରୋନା ସଂକ୍ରମଣର ଲକ୍ଷଣ ଦେଖାଦେଇଛି। ତାଙ୍କ ଭିତରୁ କିଛି ଆକ୍ରାନ୍ତ ମଧ୍ୟ ଚିକିତ୍ସାଧୀନ ରହିଛନ୍ତି। ତେଲେଙ୍ଗାନାରେ ଏହି ସମାବେଶରେ ଯୋଗ ଦେଇଥିବା ୬ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଓଡ଼ିଶାରେ କରୋନା ଭୂତାଣୁ ଚିହ୍ନଟ ପାଇଁ ବର୍ତ୍ତମାନ ସୁଦ୍ଧା ୩ ଗୋଟି ନମୁନା ପରୀକ୍ଷା କେନ୍ଦ୍ର ସ୍ଥିର ହୋଇଥିଲା ବେଳେ ଆଗାମୀ ଦିନରେ ବ୍ରହ୍ମପୁର ଓ ସମ୍ବଲପୁରରେ ନମୁନା ପରୀକ୍ଷା କେନ୍ଦ୍ର ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଚୀନ୍‌ର ଉହାନ ସହରରୁ ଆରମ୍ଭ ହୋଇଥିବା ଏହି ଭୟଙ୍କର ମହାମାରୀ କରୋନା ଏବେ ସାରା ବିଶ୍ୱକୁ ଏଭଳି ଭାବେ ଆକ୍ରାନ୍ତ କରିଛି ଯେ, ସେଥିରୁ ମୁକ୍ତି ପାଇବା ପାଇଁ ଚିକିତ୍ସା ବିଜ୍ଞାନ ସତେଯେମିତି ଫେଲ୍ ମାରୁଛି। କରୋନା ଭାଇରସ ମୁକାବିଲା ଦିଗରେ ସମସ୍ତ ସାର୍କ ରାଷ୍ଟ୍ର ମିଳିତ ଭାବେ ଉଦ୍ୟମ ଚଳାଇଥିବା ବେଳେ ବିଶ୍ୱରେ ମୃତ୍ୟୁସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଏହାରି ମଧ୍ୟରେ କରୋନାକୁ ନେଇ ଆମ ଦେଶରେ ଅନେକ ମିଥ୍ୟା ଖବର ପ୍ରସାରଣ ହେଉଥିବାରୁ କେନ୍ଦ୍ର ସରକାରଙ୍କୁ କରୋନା ଗୁଜବ ରୋକିବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମିଥ୍ୟା ଖବର ପ୍ରସାରଣକାରୀଙ୍କ ବିରୁଦ୍ଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏଥିସହିତ ନିଜ ଗାଁକୁ ଯିବା ପାଇଁ ଉଦ୍‌ବିଗ୍ନ ଦେଶାନ୍ତରୀ ଶ୍ରମିକଙ୍କୁ ବୁଝାଇ ସୁଝାଇ ସେମାନଙ୍କ ମନରୁ ଭୟ ଦୂର କରିବା ଉପରେ ମଧ୍ୟ ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଘରମୁହାଁ ଶ୍ରମିକଙ୍କୁ ଅଟକାଯିବା ସହ ସେମାନଙ୍କ ପାଇଁ ଆଶ୍ରୟ କେନ୍ଦ୍ର, ଖାଦ୍ୟ ଓ ପାନୀୟ ଯୋଗାଣ ଏବଂ ଚିକିତ୍ସା ବ୍ୟବସ୍ଥା କରାଯିବାକୁ କୁହାଯାଇଛି। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏସ୍‌ଏ ବୋବଡେ ଓ ବିଚାରପତି ଏଲ୍ ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ପୀଠ କେନ୍ଦ୍ର ସରକାରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ପୁନଶ୍ଚ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବା ଉଚିତ୍ ବୋଲି ପୀଠ ମଧ୍ୟ ପରାମର୍ଶ ଦେଇଛନ୍ତି। ସରକାର ଚାହିଁଲେ ଭଜନ-କୀର୍ତ୍ତନ ବା ନମାଜ ମାଧ୍ୟମରେ ଲୋକଙ୍କ ମନୋବଳ ଦୃଢ଼ କରିପାରନ୍ତି ବୋଲି ଏଥିରେ କୁହାଯାଇଛି। ବିଭିନ୍ନ ଗୋଷ୍ଠୀର ନେତାଙ୍କୁ ଉପଯୋଗ କରାଯାଇ ଲୋକଙ୍କୁ ସଚେତନ କରାଯାଉ ବୋଲି ପୀଠ କହିବା ସହିତ ଭୟରେ ଲୋକେ ମରିଯିବାର ଆଶଙ୍କା ରହିଥିବା କଥା ମଧ୍ୟ କହିଛନ୍ତି। ଦେଶାନ୍ତରୀ ଶ୍ରମିକ ପ୍ରସଙ୍ଗରେ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପ ବିଚାରପତିଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଧାର୍ମିକ ନେତା ଓ ସାମାଜିକ କର୍ମୀଙ୍କୁ ଆବଶ୍ୟକ ତାଲିମ ସହିତ ନିୟୋଜିତ କରାଗଲେ ଲୋକଙ୍କ ମନରୁ ଭୟ ଦୂର କରାଯାଇପାରିବ।

ଏହାରି ଭିତରେ କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ସରକାର ଅନେକ ପଦକ୍ଷେପ ନେଉଥିବା ବେଳେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଯୋଗାଇ ଦେବାରେ ବିଫଳ ହୋଇଥିବା ଜଣାପଡିଛି। ସୁରକ୍ଷା ଉପକରଣ ଅଭାବ ଯୋଗୁ କେତେକ ସ୍ଥାନରେ ଡାକ୍ତରମାନେ ରେନ୍‌କୋଟ ଓ ହେଲମେଟ ପିନ୍ଧି କରୋନା ସଂକ୍ରମିତ ରୋଗୀଙ୍କ ଚିକିତ୍ସା କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପୂର୍ବ କଲକାତାର ଏକ ସହରରେ ଜୁନିୟର ଡାକ୍ତରମାନେ ପ୍ଲାଷ୍ଟିକ୍ ରେନ୍‌କୋଟ ପିନ୍ଧି କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ଉଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଦେଖା ଯାଇଛି। ସେ ଭିତରୁ ଜଣେ ଡାକ୍ତର କହିଛନ୍ତି ଯେ, ଆମେ ଆମ ଜୀବନକୁ ବିପନ୍ନ କରି କାମ କରିପାରିବୁ ନାହିଁ। କରୋନାର ଭୟାବହତାକୁ ଉପଲବ୍ଧି କରି ଅବସର ଗ୍ରହଣ କରିବାକୁ ଥିବା ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଚାକିରି ଅବଧିକୁ ତାମିଲନାଡୁ ସରକାର ୨ମାସ ପାଇଁ ବୃଦ୍ଧି କରିଛନ୍ତି। ମହାମାରୀ କରୋନାକୁ ନେଇ ସାଧାରଣ ଲୋକଙ୍କ ଭିତରେ ଏକପ୍ରକାର ଆତଙ୍କ ଦେଖାଦେଇଥିବା ବେଳେ ଏହା ବିଶେଷକରି ଶିଶୁ ଓ ପ୍ରୌଢ଼ଙ୍କ ମାନସିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବାର ଆଶଙ୍କା ମଧ୍ୟ ରହିଛି। ଲୋକମାନେ କରୋନାକୁ ନେଇ ଉତ୍କଣ୍ଠିତ ହୋଇ ପଡିଛନ୍ତି। ଏହାର ଭୟାବହତା ସେମାନଙ୍କ ମନକୁ ଏକପ୍ରକାର ଦୋହଲାଇ ଦେବାର ଭୟ ମଧ୍ୟ ରହିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ମାନସିକ ସ୍ତରରେ ନିଜେ ଦୃଢ଼ ରହି ପରିବାରର ସଦସ୍ୟମାନଙ୍କୁ ଚିନ୍ତାମୁକ୍ତ କରିବା ମୁରବୀ ମାନଙ୍କ ଦାୟିତ୍ୱ। ଅନ୍ୟମାନଙ୍କୁ ଚିନ୍ତାମୁକ୍ତ କରିପାରିଲେ ସମାଜ ସୁଦୃଢ଼ ହେବା ସହିତ ପରିବାର ମଧ୍ୟ ସୁରକ୍ଷିତ ରହିପାରିବ। ଯାହାଫଳରେ ମହାମାରୀର ମୁକାବିଲା ଅଧିକ ପ୍ରଭାବଶାଳୀ ଢଙ୍ଗରେ କରାଯାଇପାରିବ। ଏହି ସମୟରେ ବୟସ୍କମାନେ ଟେଲିଭିଜନ ଦେଖିବା, ପଢ଼ିବା, ଗୀତ ଶୁଣିବା ଅଥବା ନୂତନ କାହାଣୀ ଶୁଣିବାରେ କ୍ରମାଗତ ଭାବେ ଗୋଟିଏ ସ୍ଥାନରେ ବସି ନ ରହି ବରଂ କିଛି ସମୟ ଏଥିରୁ ବିରତି ନେବା ଉଚିତ୍। ଦୀର୍ଘ ଶ୍ୱାସକ୍ରିୟା ସମ୍ପାଦନ କରିବା ସହିତ ଧ୍ୟାନ ଓ ଯୋଗ ମଧ୍ୟ କରାଯାଇପାରେ। ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଆହାର ସେବନ କରିବା ସହିତ ନିୟମିତ ବ୍ୟାୟାମର ଆବଶ୍ୟକତା ରହିଛି। ଅଧିକ ଚାପଗ୍ରସ୍ତ ଥିଲେ ଅନ୍ୟ ଲୋକଙ୍କ ସହିତ ଟେଲିଫୋନ୍‌ରେ କଥା ହୋଇ ନିଜର ସମସ୍ୟା କହିବା ସହିତ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ମଧ୍ୟ ପରାମର୍ଶ ଦିଅନ୍ତୁ। ଏପଟେ କରୋନା ସଂକ୍ରମଣ ବୃଦ୍ଧି ଘଟି ଚାଲିଥିଲା ବେଳେ ଚୀନ୍ ରାସ୍ତାରେ ପୁଣିଥରେ ବାଦୁଡି ଓ ବଜ୍ରକାପ୍ଟାଙ୍କ ବିକ୍ରି ବୃଦ୍ଧି ପାଇଚାଲିଛି। ଯେଉଁଥିପାଇଁ ସାରା ବିଶ୍ୱର ବୈଜ୍ଞାନିକ ଚୀନ୍‌କୁ ସମାଲୋଚନା କରିଛନ୍ତି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଗୃହବନ୍ଦୀର ଆତ୍ମକାହାଣୀ

**ପଙ୍କଜ ପାଣିଗ୍ରାହୀ**

ବିଭିନ୍ନ ଅବାସ୍ତବ, ଅହେତୁକ, ଭ୍ରାନ୍ତିକର ତଥ୍ୟ ସୃଷ୍ଟି କରିବା, ଅନ୍ୟମାନଙ୍କ ଦ୍ୱାରା ରଚିତ ତଥ୍ୟକୁ ପଢ଼ିବା ଏବଂ ସେଗୁଡିକୁ ନିର୍ବୋଧ ଭାବେ ଅନ୍ୟମାନଙ୍କୁ ପ୍ରଚାର ପ୍ରସାର କରି ବିତରଣ କରିବା ସବୁଠାରୁ ବଡ କର୍ମ ହୋଇଥାଏ ଗୃହବନ୍ଦୀ ସମୟରେ ଯାହାସବୁ ଆମେ ସମସ୍ତେ କରୁଛେ ବର୍ତ୍ତମାନ। କିନ୍ତୁ ନିଜ ମାନବୀୟତା ଉପରେ ଯଦି ଟିକିଏ ମଧ୍ୟ ସ୍ୱାଭିମାନ ଥାଏ ତା'ହେଲେ ଏସବୁଠାରୁ ଦୂରରେ ରହି କାହାର କୌଣସି ପ୍ରକାର କଥା ହେଉ କିମ୍ବା ନିଜର ଭ୍ରାନ୍ତିକର ଭାବନା କାହାକୁ ପ୍ରେରଣ କରିବା ପୂର୍ବରୁ ପ୍ରଥମେ ସେସବୁର ଜ୍ଞାତ, ଅଜ୍ଞାତ ବିଷୟରେ ନିଜର ଦକ୍ଷତା, ପରୀକ୍ଷା କରି ତଥ୍ୟଟିର ପରୀକ୍ଷାମୂଳକ ଉପାଦେୟତା ଉପରେ ମୋହର ବାଜିଲା ପରେ ସେହି କାମ କଲେ ନିଜର, ନିଜ ପରିବାର ତଥା ପୂର୍ବ ପୁରୁଷଙ୍କ ଖ୍ୟାତି ବଢ଼ିବା ସଙ୍ଗେ ଅନ୍ୟମାନଙ୍କର ତଥା ମଣିଷ ସମାଜର ଉନ୍ନତି ହେବ। ଅନ୍ୟଥା ନିଜେ ଅସୁବିଧାର ସମ୍ମୁଖୀନ ହେବାସ ହିତ ସମସ୍ତଙ୍କୁ 'ଆପେ ମରି, ସଙ୍ଗେ ଲୋଡି' କରିବା ଛଡା ଆଉ କିଛି ହୋଇନପାରେ। ଏହି ପ୍ରସଙ୍ଗରେ ବର୍ତ୍ତମାନର ଭୟାବହତା ଉପରେ ଆଧାର କରି ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ଏକ ନୂତନ ଭୂତାଣୁର ପ୍ରଭାବରେ ସାରା ବିଶ୍ୱ ଯେପରି ଆତଙ୍କିତ ସବିଶେଷ ତଥ୍ୟ ବଡହ ବଡ ଦକ୍ଷ ଭୂତାଣୁ ବୈଜ୍ଞାନିକ ମାନଙ୍କ ପାଖରେ ନଥିବା ବେଳେ ଗାଁରେ ରହୁଥିବା କ୍ଷୁଦ୍ର ଜ୍ୟୋତିର୍ବିଦଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୀତିଜ୍ଞ ତଥା ଅନ୍ୟାନ୍ୟ ସାମାଜିକ କର୍ମୀମାନେ ଅନେକ ତଥ୍ର ଦେବାରେ ସମର୍ଥ ହେଉଥିବା କେବଳ ଭାରତୀୟ ମାନଙ୍କ ଦକ୍ଷତା ନା ଏହା ଆମର ନିର୍ବୋଧତା ପ୍ରମାଣ କରୁଛି ତାହାରି ଉପରେ ଆମ ଦେଶରେ କାହାର କୌଣସି ପ୍ରକାର କଟକଣା ନଥିବା ହେତୁ ଜନସମାଜ ବ୍ୟାପକ ଭ୍ରାନ୍ତିକର ପରିବେଶରେ ରହୁଥିବା ଦେଖିବାକୁ ମିଳୁଛି।

ଭୂତାଣୁ ଉପରେ କୌଣସି ବ୍ୟକ୍ତିଗତ ମତାମତ ନଦେଇ ସେମାନଙ୍କର ଗୁଣ, ଚରିତ୍ର ତଥା କାର୍ଯ୍ୟଦକ୍ଷତା ଏବଂ ସୃଷ୍ଟି, ବିନାଶ ଉପରେ ବୈଜ୍ଞାନିକ ମାନଙ୍କ ମତ ଯାହା ବିଶ୍ୱବ୍ୟାପୀ ଗ୍ରହଣୀୟ ହୋଇଥାଏ ତାହାର କିଞ୍ଚିତ ଅଂଶ କେବଳ ଜନସଚେତନତା ପାଇଁ ପ୍ରକାଶ ପୂର୍ବକ କୁହା ଯାଇପାରେ ଯେ, ଭୂତାଣୁ ଗୋଟିଏ ପ୍ରାକୃତିକ ଯୌଗିକ ପଦାର୍ଥ ଯାହା କୌଣସି ପରିସ୍ଥିତିରେ ସୃଷ୍ଟି ହୋଇ ବିଭିନ୍ନ ମାଧ୍ୟମ ତଥା ମୁଖ୍ୟତଃ ଜଳ ଓ ବାୟୁ ଦ୍ୱାରା ସଂକ୍ରମିତ ହୋଇଥାଏ। ଏହା କୌଣସି ସଜୀବ ସହିତ ସଂସ୍ପର୍ଶରେ ଆସିଲା ପରେ ନିଜର ଜୀବନ ଧାରଣ କରି ସମ୍ପୃକ୍ତ ଶରୀର ମଧ୍ୟରେ ବ୍ୟାପି ରୋଗ ସୃଷ୍ଟି କରିଥାଏ। କୌଣସି ସ୍ତରରେ ସମ୍ପୃକ୍ତ ସଜୀବର ଶରୀର ରୋଗ ପ୍ରତିଷେଧକ ଦୁର୍ବଳତା ଥିଲେ ବେଳେ ବେଳେ ତାହା ମୃତ୍ୟୁର କାରଣ ମଧ୍ୟ ହୋଇଥାଏ। କିନ୍ତୁ ହୃଷ୍ଟପୃଷ୍ଟ ଶରୀର ମଧ୍ୟରେ ଭୂତାଣୁ ବ୍ୟାପକ କ୍ଷତି କରିବାରେ ସକ୍ଷମ ହୋଇନଥାଏ। ବିଭିନ୍ନ ପ୍ରକାରର ଭୂତାଣୁ ସମୟକୁ ନେଇ ସୃଷ୍ଟି ହୋଇଥା'ନ୍ତି ଏବଂ ସେମାନଙ୍କ ଭୟାବହତା ପ୍ରଦର୍ଶନ କରିଥାନ୍ତି, ଯାହା ଆଜିର ନୂତନ ଆବିଷ୍କୃତ ଭୂତାଣୁ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି ସେଥିମଧ୍ୟରୁ ଗୋଟିଏ। ବ୍ୟାକ୍ଟେରିଆ, ଫାଙ୍ଗାଇ ଭଳି ବିଭିନ୍ନ ଅଣୁଜୀବ ଗୁଡିକୁ ଔଷଧ ମାଧ୍ୟମରେ ମାରି ହେଉଥିବା ବେଳେ ଭୂତାଣୁ ବା ଭାଇରସ ଅନ୍ୟତମ ଯାହା ସଜୀବ ଶରୀରରେ ପ୍ରବେଶ କରିବା ପରେ ଔଷଧ ଖାଇ ସେମାନଙ୍କୁ ମାରିବା ସମ୍ଭବ ନୁହେଁ। ପ୍ରକୃତିର ନିୟମ ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସେମାନଙ୍କ ବଂଶ ବୃଦ୍ଧି ସହିତ ଜୀବିତ ରହିବେ ଏବଂ ସେମାନଙ୍କ ସମୟ ସମ୍ପୂର୍ଣ୍ଣ ହୋଇପାରେ ସେମାନେ ସବୁ ନିଜେ ନିଜେ ମରିଯାଇଥା'ନ୍ତେ। ଅର୍ଥାତ ସେମାନଙ୍କ ଜୀବନ କାଳ ସମୟ ଭିତରେ ଆମ ଶରୀର ତାକୁ ସହ୍ୟ କରିପାରିବା ଭଳି ପ୍ରତିରୋଧକ କ୍ଷମତା ଥିଲେ ଆମ ଶରୀରର ବିଶେଷ କ୍ଷତି ହୋଇନଥାଏ ଏବଂ ଦୁର୍ବଳ ଶରୀରକୁ ବ୍ୟାପକ କ୍ଷତି ତଥା ବେଳେବେଳ ମୃତ୍ୟୁମୁଖକୁ ମଧ୍ୟ ଠେଲି ଦେଇଥାଏ। ଅଦ୍ୟାବଧି ପୃଥିବୀରେ ଭୂତାଣୁ ମାରିବା ପାଇଁ କୌଣସି ଔଷଧ ବାହାରିନି କିମ୍ବା ପୃଥିବୀର କୌଣଓ ଶକ୍ତି ମିଣିଷ ଶରୀରରେ ଥିବା ଭୂତାଣୁକୁ ମାରିପାରିବା ଭଳି କ୍ଷମତା କାହାରି ପାଖରେ ନଥିବା ହେତୁ ତାହା ସହିତ ଆହ୍ୱାନ ନକରି କେବଳ ତାହାଠାରୁ ଦୂରେଇ ରହିବା ଶ୍ରେୟ ବୋଲି ମତବ୍ୟକ୍ତ କରନ୍ତି ବିଶେଷଜ୍ଞ। ଅର୍ଥାତ୍ ଆମେ କୌଣସି ଭ୍ରାନ୍ତିକର ତଥ୍ୟ ଆଧାରିତ କୁହେଳିକା ନଶୁଣି କିମ୍ବା ନିଜକୁ ଦୁର୍ବିପାକକୁ ନଟାଣି କେବଳ ତାହାଠାରୁ ଦୂରେଇ ରହିବା ଶ୍ରେୟ ବୋଲି ମତାମତକୁ କେତେଦୂର ମାନ୍ୟତା ବିଚାର ଆପଣଙ୍କର। ତାହାଛଡା ଆଉ ସବୁ ତଥ୍ୟ ମିଥ୍ୟା ଏବଂ କୁହେଳିକା ମାତ୍ର। ସେଥିରେ ନିଜର ସଙ୍ଗେ ନିଜ ପରିବାର ଏବଂ ଜନସମାଜର ବ୍ୟାପକ କ୍ଷତି ହେବାର ସମ୍ଭାବନା ଅତ୍ୟନ୍ତ ବେଶୀ।

ତେଣୁ ଆମର ବିନୀତ ଅନୁରୋଧ ନିଜର କିମ୍ବା କୌଣସି ମାନ୍ୟତା ନଥିବା ବ୍ୟକ୍ତି କିମ୍ବା ସଂସ୍ଥାର କୌଣସି ଭ୍ରାନ୍ତିକର ତଥ୍ୟ ନିଜେ ଗ୍ରହଣ ନ କରିବା ସହିତ ନିଜ ସାମାଜିକ ମାଧ୍ୟମ, ଗଣମାଧ୍ୟମ କିମ୍ବା ବ୍ୟକ୍ତିଗତ ଭାବେ ପ୍ରଚାର ପ୍ରସାର ନକରିବା ସହିତ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାରୁ ଆସିଥିବା ଦର୍ଶାଯାଇଥିବା ମନ୍ତବ୍ୟକୁ ମଧ୍ୟ ପ୍ରଚାର ପ୍ରସାର କରିବା ଠାରୁ ଦୂରରେ ରୁହନ୍ତୁ। ଅଧିକନ୍ତୁ ସରକାରୀ ସଚେତନତା କେବଳ ନିଜେ ଗ୍ରହର କରି କିଏ ନପଚାରିବା ପର୍ଯ୍ୟନ୍ତ କୌଣସି ପ୍ରକାର ମନ୍ତବ୍ୟ କିମ୍ବା ପ୍ରଚାର କରନ୍ତୁ ନାହିଁ। କେବଳ ସରକାରୀ ନିର୍ଦ୍ଦେଶନାମା ନିଜେ ଏବଂ ନିଜ ପରିବାରରେ ପ୍ରଚଳିତ କରନ୍ତୁ। କାହାକୁ ଜଣାଇ ଦେଇ ଖ୍ୟାତି ଅର୍ଜନ କରିବା ପାଇଁ ବ୍ୟଗ୍ରତା ଅନେକ ଭାରି ପଡିପାରେ ଆସନ୍ତା ଭବିଷ୍ୟତରେ ଯଦି କୌଣସି ଦୂରଦିନ ଆରମ୍ଭ ହୋଇଯାଏ। ବର୍ତ୍ତମାନ କୌଣସି କାରଣ ଜନିତ ଏହା ଏକ ବ୍ୟାପକ ବିପଦସଙ୍କୁଳ ପରିସ୍ଥିତି ଦେଇ ଗତି କରୁଥିବା ହେତୁ ଆରମ୍ଭରୁ ହିଁ ସଚେତନ ରହିବା ଚାଲାକ ପଣିଆ ହେବ ବୋଲି ଆମର ବିଚାରରେ ଆପଣଙ୍କ ମତାମତ ଅପେକ୍ଷାରେ।

ସୋସିଆଲ ଫୋରମ
ଛତ୍ରପୁର, ଗଞ୍ଜାମ, ଓଡ଼ିଶା
ଦୂରଭାଷ : ୯୪୩୭୩୨୪୯୧୭

# ସଙ୍କଟରେ ତୁର୍କୀର ଚୌଧୁରୀ-ସ୍ୱପ୍ନ



**ସୌମେନ୍ଦ୍ର ଜେନା**

ଏବେ ତୁର୍କୀର ରାଷ୍ଟ୍ରପତି ରିସେପ ତାୟିପ ଏର୍ଦ୍ଦୋଗାନ ମୁସଲିମ ଜଗତର ଚୌଧୁରୀ ହେବାକୁ ଚାହୁଁଛନ୍ତି । ନାଟୋର ସଦସ୍ୟଥାଇ ତୁର୍କୀ ଗୋଟିଏ ପଟେ ଆମେରିକା ଠାରୁ ସହାୟତା ପାଇ ପଡୋଶୀ ରାଷ୍ଟ୍ର ସିରିଆର ଅଞ୍ଚଳକୁ ନିଜ ଦଖଲରେ ରଖିବାକୁ ଚାହୁଁଛି । କିନ୍ତୁ ସିରିଆର ରାଷ୍ଟ୍ରପତି ଅସଦ ରୁଷିଆର ସହାୟତାରେ ତୁର୍କୀ ସେନାଙ୍କୁ ବାରମ୍ବାର ଆକ୍ରମଣ କରିବା ସହ ସୀମାନ୍ତରେ ତୁର୍କୀର ଦଖଲରେ ଥିବା ୧୨ଟି ଚେକ୍‌ପୋଷ୍ଟକୁ ନିଜ ହାତକୁ ନେଇଯାଇଛନ୍ତି । ସିହା ରାଷ୍ଟ୍ର ସିରିଆକୁ ସିହା ରାଷ୍ଟ୍ର ଇରାନର ସମର୍ଥନ ରହିଛି । କିନ୍ତୁ ଅସଦଙ୍କ ସମର୍ଥନ କୁର୍ଦ୍ଦମାନଙ୍କ ସହ ଥିବାରୁ ପୁରୁଣା ଶତ୍ରୁତା ଥିବା ଯୋଗୁ ଏର୍ଦ୍ଦୋଗାନଙ୍କ ଚିନ୍ତା ଅଧିକ ବଢିଯାଇଛି । ଏର୍ଦ୍ଦୋଗାନଙ୍କ ପାଇଁ ସିରିଆ ସୀମାର କୁର୍ଦ୍ଦବାହିନୀ ବଡ ସମସ୍ୟା ହୋଇ ଛିଡା ହୋଇଛି । ୨୦୧୧ରୁ ସିରିଆରେ ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହାକୁ ତୁର୍କୀ ସମର୍ଥନ ଦେବା ସହ ୨୦୧୬ରେ ସେନାଙ୍କୁ ସହଯୋଗ ପାଇଁ ପଠାଇଥିଲା । ତେବେ ଛୋଟ ଦେଶ ସିରିଆ ରୁଷିଆର ସମର୍ଥନରେ ଅଦ୍ୟାବଧି ଆମେରିକା -ତୁର୍କୀମେଣ୍ଟକୁ ସାମନା କରିଆସଛି । ଗତ ଫେବୃଆରୀ ୨୭ତାରିଖ ଦିନ ସିରିଆର ସୀମାନ୍ତ ସହର ଇଡଲିବଠାରେ ତୁର୍କୀସେନାଙ୍କ ଉପରେ ସିରିଆ ବାୟୁସେନା ରକେଟ ଆକ୍ରମଣ କରିବା ଯୋଗୁ ୫୦ରୁ ଅଧିକ ତୁର୍କୀ ସେନା ମୃତାହତ ହୋଇଥିଲେ । ସିରିଆର ସୀମାରେ ତୁର୍କୀର ସେନା ପ୍ରବେଶ କରିବା ଯୋଗୁ ରୁଷିଆ ସେନାଙ୍କ ଯୋଜନାରେ ଏହି ଆକ୍ରମଣ ହୋଇଥିଲା । ୨୦୧୫ରୁ ରୁଷିଆ ସେନା ସିରିଆର ସମସ୍ତ ବାୟୁସେନା ଘାଟୀକୁ ନିଜ ପରିଚାଳନାରେ ରଖିଛନ୍ତି । ଏହି ଆକ୍ରମଣ ପରେ ତୁର୍କୀ ସିରିଆ ବିରୋଧରେ ନାଟୋ ବୈଠକରେ ଅଭିଯୋଗ କରିଥିଲେ ମଧ୍ୟ ନାଟୋ ଗୋଷ୍ଠୀ ରୁଷିଆ ସହ ଅଧିକ କଳହ ନ ବଢାଇବା ଲାଗି ଏର୍ଦ୍ଦୋଗାନଙ୍କୁ ଉପଦେଶ ଦେଇଥିଲେ । ଇତି ମଧ୍ୟରେ ଏର୍ଦ୍ଦୋଗାନଙ୍କ ସିରିଆ ବିରୋଧୀ ଧମକ ଯୋଗୁ ରୁଷିଆ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଦୁଇଟି ଯୁଦ୍ଧପୋତ ଭୂମଧ୍ୟ ସାଗରକୁ ପଠାଇଥିଲା । ପୂର୍ବରୁ ରୁଷିଆର ନୌସେନାର ଏକ ଯୁଦ୍ଧପୋତ ସିରିଆ ଉପକୂଳର ସୁରକ୍ଷାରେ ରହିଛି । ଗୋଟିଏ ମାସ ମଧ୍ୟରେ ୫୦ରୁ ଅଧିକ ତୁର୍କୀସେନାଙ୍କ ମୃତ୍ୟୁ ପରେ ଏର୍ଦ୍ଦୋଗାନଙ୍କ ବିରୋଧରେ ଦେଶରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହାକୁ ନେଇ ତୁର୍କୀର ସଂସଦ ମଧ୍ୟରେ ସାଂସଦମାନେ ହାତାହାତି ହୋଇଛନ୍ତି । ସିରିଆ ମଧ୍ୟରେ ତୁର୍କୀ ସେନା ପ୍ରବେଶ କଲେ ଯଦି ବୋମାମାଡ ହୁଏ ତେବେ ସେଥିପାଇଁ ରୁଷିଆ ଦାୟୀ ରହିବ ନାହିଁ ବୋଲି ପ୍ରକାଶ କଲାପରେ ଏର୍ଦ୍ଦୋଗାନଙ୍କ ମନରେ ଛାନିଆଁ ପଶିଗଲା । ସେ ତୁରନ୍ତ ପୁତିନଙ୍କୁ ମନେଇବାକୁ ଏକ ପ୍ରତିନିଧି ଦଳ ସହ ମସ୍କୋରେ ପହଞ୍ଚିଲେ । ସେଠାରେ ତାଙ୍କୁ ବସିବାପାଇଁ ଜଗୁଆଳୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଚେୟାର ମିଳିଥିଲା । ଅତି ଅସହାୟ ଭାବେ ଏର୍ଦ୍ଦେଗାନଙ୍କୁ ସେହି ଚେଆରରେ କିଛି ସମୟ ପାଇଁ ବସି ରହିବାକୁ ହୋଇଥିଲା । ପରେ ପୁତିନଙ୍କ ସହ ସାକ୍ଷାତ ପାଇଁ ତାଙ୍କୁ ଭିତରକୁ ଯିବାକୁ ମିଳିଥିଲା । ଏହି ଗସ୍ତବେଳେ ପୁତିନଙ୍କୁ ତୁର୍କୀ ସେନାଙ୍କ ସୁରକ୍ଷା ନେଇ ଏର୍ଦ୍ଦେଗାନ କହିଥିଲେ । ତେବେ ପୁତିନ ଆଗାମୀ ଦିନମାନଙ୍କରେ ସେଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ରୁଷିଆର ସେନାଙ୍କୁ କହିବେ ବୋଲି ପ୍ରତିଶ୍ରୁତି ଦେବା ସହ ତୁର୍କୀ ସେନା ଯେପରି ସିରିଆର ସୀମାରେ ପ୍ରବେଶ ନକରନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ ଏର୍ଦ୍ଦୋଗାନଙ୍କୁ ଉପଦେଶ ଦେଲେ।

ମଧ୍ୟ-ପ୍ରାଚ୍ୟରେ ଆପଣାର ପ୍ରଭାବ ବୃଦ୍ଧି ସହ ସାଉଦି ଆରବର ନେତୃତ୍ୱକୁ ଦୁର୍ବଳ କରିବା ପାଇଁ ଏର୍ଦ୍ଦୋଗାନ ଏସିଆଠାରୁ ଆଫ୍ରିକା ପର୍ଯ୍ୟନ୍ତ ମୁସଲିମ ରାଷ୍ଟ୍ରଗୁଡିକର ସମର୍ଥନ ହାସଲ କରିବାକୁ ଲାଗିପଡିଛନ୍ତି । ଗୋଟିଏ ପଟେ ନାଟୋର ମେଣ୍ଟରେ ରହି ଆମେରିକାର ନିକଟତର ହୋଇ ଅନେକ ଅସ୍ତ୍ରଶସ୍ତ୍ର କିଣିବାସହ ରୁଷିଆଠାରୁ ଏସ -୪୦୦ପରି କ୍ଷେପଣାସ୍ତ୍ର ପ୍ରଣାଳୀ ମଧ୍ୟ କିଣିବା ପାଇଁ ଚେଷ୍ଟା ଚଳାଇଛନ୍ତି । ଏସିଆ ଓ ଇଉରୋପ ମଧ୍ୟରେ ତୁର୍କୀ ଏକମାତ୍ର ସଡକପଥ ସଂଯୋଗ ସ୍ଥଳରେ ରହିଥିବା ହେତୁ ସିରିଆ, ଇରାକ,ଆଫଗାନିସ୍ଥାନରେ ଯୁଦ୍ଧର ଘନଘଟା ଯୋଗୁ ଇଉରୋପ ଯିବାକୁ ଚାହୁଁଥିବା ଶରଣାର୍ଥୀମାନେ ତୁର୍କୀ ଦେଇ ଯାଇଥାନ୍ତି । ଏମାନଙ୍କୁ ଇଉରୋପରେ ପ୍ରବେଶ ନକରାଇବାକୁ ଇଉରୋପିୟ ୟୁନିଅନଠାରୁ ତୁର୍କୀ ଅର୍ଥ ପାଉଥିଲେ ମଧ୍ୟ ନିକଟରେ ୩୭ଲକ୍ଷ ସିରିଆ ଶରଣାର୍ଥୀଙ୍କୁ ସୀମା ଖୋଲି ଇଉରୋପକୁ ଛାଡିବାକୁ ଧମକ ଦେଇଥିଲା । ଅଥଚ ୨୦୧୬ରୁ ତୁର୍କୀ ନିଜ ସୀମା ମଧ୍ୟରେ ଥିବା ଶରଣାର୍ଥୀଙ୍କ ନାମରେ ଖର୍ଚ୍ଚ ପାଇ ଆସୁଛି।

ନିକଟରେ ଗତ ୨୮ ଫେବୃଆରୀ ଦିନ ମୁସଲିମ ଶରଣାର୍ଥୀମାନଙ୍କୁ ଇଉରୋପକୁ ପଠାଇବାକୁ ତୁର୍କୀ ପକ୍ଷରୁ ଉଦ୍ୟମ କରାଯାଇଥିଲା । ତେଣୁ ଗ୍ରୀସ ସରକାର ନିଜ ସୀମାକୁ ବନ୍ଦ କରିଦେଲେ । ଫଳରେ ତୁର୍କୀ ସେନା ଗ୍ରୀସ ସୀମା ନିକଟରେ ଶରଣାର୍ଥୀମାନଙ୍କୁ ଠୁଳ କରି ଗ୍ରୀସ ଭିତରକୁ ପଠାଇବାକୁ ଲୁହ ବୁହା ଗ୍ୟାସ ପ୍ରୟୋଗ କଲେ । ଗ୍ରୀସ ସେନା ସୀମାରେ ଧୈର୍ଯ୍ୟ ରକ୍ଷା କରି ଏପରି ପବନ ଯନ୍ତ୍ର ଚଲୁ କଲେ ଯେ ସେହି ଗ୍ୟାସ ଗ୍ରୀସପଟକୁ ନ ଆସି ଓଲଟା ତୁର୍କୀ ପଟକୁ ଗଲା । ଫଳରେ ତୁର୍କୀ ସେନାର ଅପପ୍ରୟାସ ସଫଳ ହେଲା ନାହିଁ । ଶେଷରେ ତୁର୍କୀ ସେନାର ଗାଡିରେ ସେମାନେ ନିଜ ନିଜ ଶିବିରକୁ ଫେରିଗଲେ । ଶରଣାର୍ଥୀମାନେ ଯୁଦ୍ଧ ବିଧ୍ୱସ୍ତ ସିରିଆର ବୋଲି କହି ତୁର୍କୀ ସରକାର ସେମାନଙ୍କ ପାଇଁ ଇଉରୋପ ୟୁନିଅନଠାରୁ ୨୦୧୬ରୁ ୬ ବିଲିଅନ ଡଲାର ସହାୟତା ନେଇ ଆସୁଥିଲା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୪ ପ୍ରତିଶତ ସିରିଆର ଶରଣାର୍ଥୀ ରହିଥିଲେ । ଅନ୍ୟମାନେ ଥିଲେ ପାକିସ୍ଥାନ,ଆଫଗାନିସ୍ଥାନ, ଇରାନ ଓ ବଙ୍ଗଳାଦେଶର । ଅତି ଯୋଜନାବଦ୍ଧ ଭାବେ ଇଉରୋପର ଜନସଂଖ୍ୟା ପରିବର୍ତ୍ତନ କରିବାକୁ ଏମିତି ଶରଣାର୍ଥୀ ପଠାଇବାରେ ତୁର୍କୀ ପ୍ରୟାସ କରି ଆସୁଛି ।

ଅତୀତରେ ୧୭ଥର ଯୁଦ୍ଧ କରି ରୁଷିଆ ସେନାଠାରୁ ପରାସ୍ତ ହୋଇଥିବା ତୁର୍କୀ ସେନାଙ୍କ ସମ୍ମାନ ରକ୍ଷା ପାଇଁ ମସ୍କୋରେ ଏର୍ଦ୍ଦୋଗାନ ପୁତିନଙ୍କୁ ମନାଇବାକୁ ଚେଷ୍ଟା କଲାବେଳେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଆଉ ଏକ ସମସ୍ୟା ସୃଷ୍ଟି କରିଛନ୍ତି । ସେ ନିଜ ଦେଶରୁ ଟ୍ୟୁନିସିଆ ଏବଂ ତୁର୍କୀର ଇମାମମାନଙ୍କୁ ବାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏମାନେ ଫ୍ରାନ୍ସରେ ଇସଲାମିକ ମୌଳବାଦର ପ୍ରଚାର କରିବା ସହ ଆରବୀ ଭାଷାରେ ଶିକ୍ଷା ଦେଉଥିବା ହେତୁ ଏବେ ସେମାନଙ୍କୁ ଫ୍ରେଞ୍ଚ ଭାଷାରେ ଶିକ୍ଷା ଦେବାକୁ ହେବ କିମ୍ବା ଦେଶ ଛାଡିବାକୁ ହେବ ବୋଲି ମାକ୍ରୋନ ଚେତାବନୀ ଶୁଣାଇଛନ୍ତି । ଫ୍ରାନ୍ସ ସରକାର ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇଲେ ବହୁ ସଂଖ୍ୟକ ତୁର୍କୀ ଇମାମଙ୍କୁ ଫ୍ରାନ୍ସ ଛାଡିବାକୁ ହେବ । ଇଉରୋପର ଅନ୍ୟ ଏକ ଦେଶ ଅଷ୍ଟ୍ରିଆ ୬ଟି ମସଜିଦକୁ ବନ୍ଦ କରି ଇମାମଙ୍କୁ ନିଜ ଦେଶରୁ ବିଦା କରିଥିବା ଜଣାପଡିଛି । କାରଣ ବିଗତ ଦିନରେ ଇଉରୋପରେ ଇସଲାମିକ ସନ୍ତ୍ରାସବାଦ ଶକ୍ତିଶାଳୀ ହୋଇଛି । ଫ୍ରାନ୍ସ, ବ୍ରିଟେନ, ବେଲଜିଅମ୍, ଜର୍ମାନୀ ଆଦି ଅନେକ ଦେଶରେ ଏହି ମୌଳବାଦ ଶରଣାର୍ଥୀମାନଙ୍କ ମାଧ୍ୟମରେ ଅଧିକ ଶକ୍ତିଶାଳୀ ହୋଇଛି । ସନ୍ତ୍ରାସବାଦୀଙ୍କ ସହଯୋଗୀମାନେ ଶରଣାର୍ଥୀ ଭାବେ ଇଉରୋପର ଅନେକ ଦେଶରେ ପ୍ରବେଶ କରି ସେଠାରେ ମୌଳବାଦ ପ୍ରସାର କରିବାରେ ବ୍ୟସ୍ତ ରହିଛନ୍ତି । ଆକ୍ରମଣ, ବୋମା ବିସ୍ଫୋରଣ, ନିଶାଦ୍ରବ୍ୟ ଚଲାଣ, ଅନ୍ୟ ଧର୍ମପ୍ରତି ବିଦ୍ୱେଷ ମନୋଭାବକୁ ପ୍ରଚାର, ସନ୍ତ୍ରାସବାଦୀ କାର୍ଯ୍ୟପାଇଁ ଲୋକ ନିଯୁକ୍ତି ପରି କାର୍ଯ୍ୟ ସେମାନେ ଇଉରୋପର ଅନେକ ଦେଶରେ ଜାରି ରହିଛନ୍ତି । ଯେଉଁଥିପାଇଁ ଇଉରୋପର ସ୍ଲୋଭାକିଆରେ ଇସଲାମ ଧର୍ମୀଙ୍କ ପ୍ରବେଶ ଉପରେ ନିଷେଧାଦେଶ ୨୦୧୮ରୁ ଜାରି କରାଯାଇଛି । ପୂର୍ବରୁ ସେଠାରେ ବେଆଇନଭାବେ ଯେଉଁ ୬୦୦୦ ମସଜିଦ୍ ନିର୍ମାଣ ହୋଇଥିଲା ସେସବୁକୁ ସ୍ଥାନୀୟ ସରକାର ଭାଙ୍ଗି ଦେଇଛନ୍ତି । ଦେଶରେ କୋରାନ ପାଠ ଉପରେ ନିଷେଧାଜ୍ଞା ଜାରି କରାଯାଇଛି । ସେମିତି ପୋଲାଣ୍ଡ ସରକାର ତାଙ୍କ ଦେଶରେ ଇସଲାମିକ ମୌଳବାଦୀ କିମ୍ବା ସେମାନଙ୍କ ସହଯୋଗୀଙ୍କ ଠାରୁ ଦେଶକୁ ଦୂରେଇ ରଖିବା ପାଇଁ ମୁଲସିମଙ୍କ ପ୍ରବେଶ ନେଇ ନିଷେଧାଜ୍ଞା ଜାରି କରିଛନ୍ତି । ସେହି ନିଷେଧାଦେଶ ଯୋଗୁ ତୁର୍କୀ ଲୋକେ ଅସୁବିଧାର ସମ୍ମୁଖୀନ ହେବେ । ସେମିତି ଦେଖିବାକୁ ଗଲେ ନିକଟରେ ବ୍ରିଟେନର ଶ୍ରମିକ ଦଳ ମୁସଲିମଙ୍କ ସମର୍ଥନରେ ସରକାର ଗଢିବାକୁ ଆଶା ରଖିଥିଲେ ମଧ୍ୟ ହିନ୍ଦୁ, ଖ୍ରୀଷ୍ଟିଆନ୍ ଏବଂ ଅନ୍ୟାନ୍ୟ ଧର୍ମର ଲୋକଙ୍କ ବିରୋଧ ଯୋଗୁ କଞ୍ଜରଭେଟିଭ ପାର୍ଟିର ବୋରିସ ଜନ୍‌ସନ୍ ବିଜୟୀ ହୋଇଥିଲେ । ଏବେ ସମଗ୍ର ଇଉରୋପରେ ଇସଲାମ ବିରୋଧୀ ମନୋଭାବ ବଢିବାରେ ଲାଗିଛି । ବ୍ରିଟେନର ସଂସଦ ୧୦-ଡାଉନିଂ ଷ୍ଟ୍ରିଟରେ ଇସଲାମର ଝଣ୍ଡା ଉଡାଇବା ନେଇ ବିଗତ ଦିନର ପ୍ରଚାର ସେଠାରେ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

ଇସଲାମ ଜଗତର ଚୌଧୁରୀ ହେବାକୁ ଲକ୍ଷ୍ୟ ରଖି ଚାଲୁଥିବା ଏର୍ଦ୍ଦୋଗାନଙ୍କୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ଏବେ ଆଉ ଏକ ଝଟକା ଦେଇଛନ୍ତି । କାଶ୍ମୀରରୁ ଧାରା ୩୭୦ ହଟିବା ଏବଂ ଭାରତରେ ସିଏଏ ଆଇନକୁ ନେଇ ଏର୍ଦ୍ଦୋଗାନ ନିକଟରେ ପାକ୍ ଗସ୍ତ କରି ଇସଲାମାବାଦର ସଂସଦରେ ଭାଷଣ ଦେଇ ଭାରତର ବିରୋଧ କରିଥିଲେ । ପୂର୍ବରୁ ଜାତିସଂଘରେ ଭାଷଣ ଦେବାବେଳେ ସେ କାଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଥିଲେ । ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କ ସହ କୁଆଲାଲୁମ୍ପୁରଠାରେ ଭାରତ ବିରୋଧୀ ମନ୍ତବ୍ୟ ଦେଇଥିଲେ । ଭାରତର ଆର୍ଥିକ କୂଟନୀତି ଯୋଗୁ ମହାଥିରଙ୍କୁ କ୍ଷମତା ହରାଇବାକୁ ହେଲା । ଏବେ ନିକଟରେ ମ୍ୟୁନିକ ସୁରକ୍ଷା ଆଲୋଚନା ବେଳେ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ତୁର୍କୀର ପଡୋଶୀ ଶତ୍ରୁ ରାଷ୍ଟ୍ର ଆର୍ମେନିଆର ବିଦେଶମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ଏବେ ଭାରତ ଚାରିଗୋଟି ସ୍ୱାତୀ ରାଡାର ଆର୍ମେନିଆକୁ ବିକ୍ରି କରିବାକୁ ଯାଉଛି । ଗତ ବର୍ଷ ଜାତିସଂଘ ଆଲୋଚନା ବେଳେ ଭାରତର ପ୍ରଧାନମନ୍ତ୍ରୀ ମୋଦି ତୁର୍କୀର ଅନ୍ୟ ଦୁଇ ପଡୋଶୀ ଶତ୍ରୁ ରାଷ୍ଟ୍ର ଗ୍ରୀସ ଏବଂ ସାଇପ୍ରସର ରାଷ୍ଟ୍ରମୁଖ୍ୟଙ୍କୁ ସାକ୍ଷାତ କରି ଭାରତ ସହ ମିଳିତ ସମରାଭ୍ୟାସ ଓ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିଲେ । ମହାଥିରଙ୍କ ମାମଲାରେ ସଫଳତା ପାଇବା ପରେ ଏବେ ଏର୍ଦ୍ଦୋଗାନଙ୍କୁ ମୋଦି ଟାର୍ଗେଟ କରି ଇଉରୋପରେ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ପୂର୍ବରୁ ଭାରତ ତୁର୍କୀ ସହ ବୁଡାଜାହାଜ ନିର୍ମାଣ ନେଇ ହୋଇଥିବା ବୁଝାମଣାକୁ ବାତିଲ କରିସାରିଛି ।

ସିରିଆ ଯୁଦ୍ଧରୁ ଆମେରିକା ହଟିଯିବା ପରେ ତୁର୍କୀର ପ୍ରାଧାନ୍ୟ ବଢିବ ବୋଲି ଏର୍ଦ୍ଦୋଗାନ ଯେଉଁ ଆଶା ରଖିଥିଲେ ତାହା ଫଳବତୀ ହୋଇନାହିଁ । ଏସବୁ ଦୃଷ୍ଟିରୁ ବିଚାରକଲେ ଏର୍ଦ୍ଦୋଗାନଙ୍କ ପୃଥିବୀର ଇସଲାମିକ ଜଗତର ଚୌଧୁରୀ ହେବା ଆଶାର ଆକାଶରେ ଅନେକ ଆଶଙ୍କାର ବାଦଲ ଢାଙ୍କି ହୋଇ ଗଲାଣି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

**ଶାନ୍ତି :-**

ଅତଃ ଶ୍ରୀକୃଷ୍ଣ ଗୀତାରେ ଏ କଥାବି କହିଛନ୍ତି ଯେ, ଯାହା କିଛି ତୁମେ କରୁଛ ତାହା 'ନୟହମ କର୍ତ୍ତା ହରିକର୍ତ୍ତା' ଅର୍ଥାତ୍ ଯାହା ମୁଁ କରୁଛି ତାହା କର୍ତ୍ତା ମୁଁ ନୁହେଁ ହରି ଅଟନ୍ତି ଏହି ଭାବନା ରଖିବା ଦ୍ୱାରା କର୍ତ୍ତାପଣର ଅହଂକାର ଦୂର ହୋଇ ଶାନ୍ତି ମିଳିଥାଏ। ଗୀତାଜୀଙ୍କର କଥନ ଅନୁସାରେ ଯଦି ଆମର ଉଦ୍ଦେଶ୍ୟ ଶାନ୍ତିକୁ ପ୍ରାପ୍ତ କରିବା ତେବେ ପ୍ରମାଦ ନିତ୍ୟାନ୍ତ ବର୍ଜିତ ଅଟେ। ଯେମିତି ବି ହେଲେ କର୍ମ ତ କରିବାକୁ ପଡିବ କିନ୍ତୁ ସେହି କର୍ମକୁ ପରମାତ୍ମାଙ୍କୁ ଅର୍ପଣ କରି କଲେ ଶାନ୍ତି ଅବଶ୍ୟ ମିଳିବ। ଯେଉଁ ମନୁଷ୍ୟ ସକାମୀ ଅଟେ ଯାହାର ଫଳ ପ୍ରାପ୍ତିର ଆଶା ରହିଥାଏ ବା ଆସକ୍ତି ରହିଥାଏ ସେହି ମନୁଷ୍ୟ କାମନା ଦ୍ୱାରା ବନ୍ଧନରେ ପଡିଥାଏ।

ବାରମ୍ବାର ମନରେ ବିଚାର ଆସେ ଶ୍ରୀକୃଷ୍ଣ କାମନା ଓ ଇଚ୍ଛା ମାନଙ୍କୁ ତ୍ୟାଗ କରିବାକୁ କାହିଁକି କହିଛନ୍ତି। ଛୋଟ ଉଦାହରଣରେ ଏହାର ଉତ୍ତର ଏହା ହେବ ଯେ, କୌଣସି ବ୍ୟକ୍ତିକୁ ରାଗ ମସଲା ପ୍ରୀୟ ତେଣୁ ସେ ଏହା ଖାଇବାକୁ ଇଚ୍ଛା କରିଥାଏ। ଫଳରେ ଅଲସର ଇତ୍ୟାଦି ରୋଗର ଶିକାର ହୋଇଥାଏ। କୌଣସି ବ୍ୟକ୍ତିକୁ ମିଠା ପ୍ରିୟ ତେଣୁ କୌଣସି ପ୍ରକାରରେ ସେ ମିଠା ଖାଇବାକୁ ଇଚ୍ଛା କରିଥାଏ ଫଳରେ ଭବିଷ୍ୟତରେ ଡାଇବେଟିସ୍ ରୋଗରେ ଏହା ଅତ୍ୟନ୍ତ ଦୁଃଖଦାୟୀ ସାବ୍ୟସ୍ତ ହୋଇଥାଏ। ତେଣୁ ବୁଦ୍ଧିମାନ



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ

ଲୋକ ଏହିସବୁ କ୍ଷଣିକ ଇନ୍ଦ୍ରିୟ ଜନିତ ଆନନ୍ଦରୁ ଦୂର ରହିଥାଆନ୍ତି। କାରଣ କ୍ଷଣିକ ଆନନ୍ଦରେ ଫସିଯିବା ହିଁ ଅଶାନ୍ତିର କାରଣ ହୋଇଥାଏ। ଶାନ୍ତିର ପୁଞ୍ଜି ଏମିତି ଚାହିଁଦେଲେ ମିଳି ନଥାଏ ସେଥିପାଇଁ ପ୍ରୟାସ ଆବଶ୍ୟକ। ଯଦି ଇଚ୍ଛା ଯେ, ଶାନ୍ତିକୁ ପ୍ରାପ୍ତ କରିବ କିନ୍ତୁ ରାସ୍ତା ଅଶାନ୍ତିର ବାଛିବା ତେବେ ମେଳ କେମିତି ହେବ। ଈଶ୍ୱରୀୟ ବିଚାର ସାଥେ ଆମେ ଜୀବନ ବିତାଇବାକୁ ଚେଷ୍ଟା କଲେ ଆମ ଭିତରୁ ଧିରେ ଧିରେ ବିଷୟ ପ୍ରତି ମୋହ କମ ହେବ ଓ ମନ ଅନାସକ୍ତ ହୋଇ ଶାନ୍ତି ପାଇ ପାରିବା। ସର୍ବଦା ପରମାତ୍ମାଙ୍କ ଚିନ୍ତନ ଆମକୁ କୌଣସି ଭୁଲ ପଥରେ ଯିବାକୁ ଦେବନାହିଁ। ଗୀତାରେ ଭଗବାନ କହିଛନ୍ତି ହେ ଅର୍ଜୁନ! 'ତ୍ୱମେବ ଶରଣଂ ଗଚ୍ଛ' - ଈଶ୍ୱରଙ୍କ ଶରଣାଗତି ସ୍ୱୀକାର କର। ତାଙ୍କର କୃପାଦ୍ୱାରା ପରମଧାମ ଓ ପରମାନନ୍ଦ ପ୍ରାପ୍ତି ହୋଇପାରିବ। ଶ୍ରୀ ମାର୍କଣ୍ଡେୟ ପୁରାଣ ଦୁର୍ଗାସପ୍ତଶତୀରେ ୧୨ ଅଧ୍ୟାୟରେ ଦେବୀ ଦେବତା ମାନଙ୍କୁ କହୁଛନ୍ତି ଶାନ୍ତି ପାଇବାକୁ ମୋର ସ୍ମରଣ, ଚିନ୍ତନ, ମନନ କରିବାକୁ ହେବ। ମୋତେ ସ୍ମରଣ କରି କରି "ଈଶ୍ୱର ସର୍ବ ଭୁତାନାଂ ହୃଦେଶେ ତିଷ୍ଠତି" ଏହି ଭାବନା ଯେତେବେଳେ ମନରେ, ବଚନରେ କର୍ମରେ ଅନୁଭୂତି କରିବ ସେତେବେଳେ ଅବିଚ୍ଛନ୍ନ ଆନନ୍ଦ ଓ ଶାନ୍ତି ନିଶ୍ଚୟ ଭୋଗ କରିପାରିବ। ଏହା ଏକ ନିର୍ବିବାଦ ସତ୍ୟ ଅଟେ। ୟା ଦେବୀ ସର୍ବ ଭୂତେଷୁ ଶାନ୍ତି ରୂପେଣ ସଂସ୍ଥିତା। ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତ ସ୍ୟୈ ନମୋ ନମଃ।

(କ୍ରମଶଃ)

*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*



କ୍ଷୀରୋଦ ଦାସ

ଭାଗ-୨

# ସମ୍ପର୍କର ସୂତାଖିଅ

ମହାଦେବଙ୍କ ଆଶୀର୍ବାଦ ଆଶୟୀ ଆବାଳବୃଦ୍ଧ ବନିତା ଜମିଥା'ନ୍ତି ବେଢ଼ା ସାରା। ଆଳତି ସାରି ନନା ଆସି ବସନ୍ତି ବାରଣ୍ଡାରେ। ଖଞ୍ଜଣି ଭଜନର ତାଳେ ତାଳେ ବୋଲନ୍ତି-

କହଇ ମନ ଆରେ,
ମୋ ବୋଲ କର
କଳା ଶ୍ରୀମୁଖ ବାରେ
ଦେଖିବା ଚାଲରେ...
ଦେଖିବା ଚା'ଲ...।

ନନାଙ୍କ କଣ୍ଠ ନିସୃତ ଏ ଭଜନ ଆଚ୍ଛନ୍ନ କରିପକାଏ ଉପସ୍ଥିତ ଲୋକମାନଙ୍କୁ। ମନ୍ତ୍ରମୁଗ୍ଧ ଶ୍ରୋତାମାନେ ଭକ୍ତିରସରେ ଜୁଡୁବୁଡୁ ହୋଇ ତଲ୍ଲୀନ ହୋଇ ଶୁଣୁଥା'ନ୍ତି ସେ ଭଜନ। କେହି କେହି ନନାଙ୍କ ସ୍ୱର ସହିତ ତାଳ ଦେଇ ନିଜର ବେସୁରା କଣ୍ଠରେ ପାଳି ଧରନ୍ତି। କରଣସାହି ସନାତନ ଓରଫ୍ ସନିଆ ଧରିଥାନ୍ତି ଖଞ୍ଜଣୀ। ଖଞ୍ଜଣୀ ଉପରେ ତାଙ୍କ ହାତ ଚାଲିଥାଏ ପବନ ବେଗରେ, ଆଙ୍ଗୁଠି ଦେଖାନଯିବା ପରିବ।

ଗୋଟେ କୃତଜ୍ଞ ଉତ୍ସାହ ଓ ଫୁର୍ତ୍ତି ଉଛୁଳି ପଡୁଥାଏ ସମସ୍ତଙ୍କ ମୁହଁରୁ। କାହା କାହା ଆଖିରୁ ଜକେଇ ଆସେ ଲୁହ। ସତେ ଅବା କର୍ମକ୍ଳାନ୍ତ ଓ କଷ୍ଟକର ଏ ଜୀବନ ପାଇଁ ଏକ ଟିକକ ଶାନ୍ତି ହିଁ ମୁଖ୍ୟ ଆଧାର। ଜୀବନର ସବୁ ବ୍ୟସ୍ତତା, ସବୁ କ୍ଲେଶ, ସବୁ ଅସମ୍ପୂର୍ଣ୍ଣତାକୁ ପୂର୍ଣ୍ଣତାରେ ରୂପାନ୍ତରିତ କରିବା ପାଇଁ ଏକ ଘଡିଏ ଭଜନ କୀର୍ତ୍ତନ ନିହାତି ଅପରିହାର୍ଯ୍ୟ।

ଆବେଶ କଟିଯାଏ। ଭଜନ ସମାପ୍ତ କରି ସୁଦର୍ଶନ ନନା ଲମ୍ବ ହୋଇ ମୁଣ୍ଡିଆ ମାରନ୍ତି ଠାକୁରଙ୍କୁ। ତାଙ୍କ ସହ ଅନ୍ୟମାନେ ଲମ୍ବ ଲମ୍ବ ପଡିଯାଆନ୍ତି ମହାଦେବଙ୍କ ସାମ୍ନାରେ। ମିଶ୍ରେ ନିଜ ହାତରେ ଆଶୀର୍ବାଦ ଦେଇ ବିଦାୟ ଦିଅନ୍ତି ସମସ୍ତଙ୍କୁ।

ରାଇସକୁଳ ଦଣ୍ଡାରୁ ଶୁଭେ ବିଲୁଆର ପହରକିଆ ହୁକେ ହୋ ଡାକ। ଠାକୁର ଘର ପହୁଡ ପକାଇ ନନା ଆସି ବସନ୍ତି ବାହାରେ, କେଇଜଣ ବୟସ୍କ ଲୋକଙ୍କ ଗହଣରେ।

'ନଟବର, ଏବର୍ଷର ପାଳକ କାହିଁକି ଜମା ଶୁଭାଶୁଭ ଦିଶୁନାଇଁ ମତେ। ଫଗୁଣ ଆରମ୍ଭରୁ ତ ଏତେ ଗୁଳୁଗୁଳି, ଆଗକୁ ପୁଣି ଚୈତ୍ର, ବୈଶାଖ ଅଛି। ଗାଁ, ମୁଖିଆ ନଟ ଦାସଙ୍କୁ ଲକ୍ଷ୍ୟ କରି ସେ' ଦିନ କହିଲେ ସୁଦର୍ଶନ ନନା।

ଅଣ୍ଟାରୁ ଖିଲେ ପାନ ବାହାର କରି କଳରେ ଜାକି ନଟଦାସ କହିଲେ, "ଗୋସେଇଁ, ସେସବୁ ଖବର ସିନା ଆପଣଙ୍କ ପାଖରେ। ଆମେ ଯାଇତାଇ ମଣିଷ ତାର ଟେର୍ ପାଇବୁ କୁଆଡୁ?'

"ସବୁ ସେଇ ପରମାତ୍ମାଙ୍କ ଇଚ୍ଛା। "କରି କରାଉଥାଏ ମୁହଁ, ମୋ ବିନୁ ଅନ୍ୟ ଗତି ନାହିଁ...।' ନନା ଉପରକୁ ଅନେକ ମୁଣ୍ଡରେ ଯୋଡହସ୍ତ କରାଇଲେ।

ପଧାନଘର ନକୁଳ ଅଜା ପାନକୁଟା ଭିତରୁ ପାନଗୁଣ୍ଡ ଟିପେ ପାଟିରେ ପକାଇ ଦେଇ କହିଲା, 'ତମ କଥା ଖ୍ୱାଜିଫ ଯେ ନନା, ହେଲେ ଆଜିକାଲି ଜଳବାୟୁ ପରା ଗଣ୍ଡଗୋଳ! ଆମ ଅମଳରେ ଏ ମଳୟ ଋତୁଟାରେ କ'ଣ ଏମିତି ଗ୍ରୀଷମ ହେଉଥିଲା? ଶଳେ ତ ଜଙ୍ଗଲ କାଟି, ନିଜ ନିଜ ପକେଟ, ଟ୍ରେଜେରୀ ମୋଟା କଲେ, ଗରମ ଆଉ କମିବ କେମିତି?

-ତତେ ଏତେ କଥା କେଉଁଠୁ ଜାଣିଲ ମ ଅଜା? କ'ଣ ବିଜ୍ଞାନ ଫିଜ୍ଞାନ ପଢୁଥିଲ କି? - ନାତି ହିସାବରେ ଗୋପାଳ ସାହି ପୁନିଆ କହିଲା।

-ବିଜ୍ଞାନ ନ ଛେନାଗୁଡ! ଆରେ ବା'ସ୍ତରୀ ବର୍ଷ ହେଲାଣି ପରା ଦେଖି ଆସୁଛି ଏ ପୃଥିବୀକୁ! ଜାଣିପାରିବନି? ତମେ ଶଳେ ଆଜିକାଲିକା ଅବିଜାଗୁଡା ଘୋଡାଡିମ୍ୱ ପାଠ ପଢୁଛ। କହିଲା କ'ର ନା ବିଜ୍ଞାନ!!

ନଟଦାସ କହିଲେ - "ଅବଧାନେ, ଏବର୍ଷ ପାଞ୍ଜିପଢ଼ା କେବେ କରିବା କହିଲ? ପୋଥି ଦେଖି ଦିନବାର ଧାର୍ଯ୍ୟ କରନ୍ତେ ନି!"

ନନା ତାଙ୍କ ଭଙ୍ଗା ଚଷମାର ଡୋରକୁ କାନରେ ଗୁଡାଇ ଲଣ୍ଠନଟିକୁ ପାଖକୁ ଟାଣିଆଣି ପୋଥି ଖୋଲିଲେ। କହିଲେ- "ଡେରି ଅଛି। ଏ ଚୈତ୍ର ପୂର୍ଣ୍ଣିମା ପରେ ପରେ ଶର୍ବଣା ଆରମ୍ଭ। ହଳ ନିଷେଧ। ତା'ରି ଭିତରେ ଭଲଦିନ ଦେଖି କୋଉଦିନ ଗୋଟେ ବସିଯିବା। ନା କ'ଣ କହୁଛ?

- 'ଯାହା ଆପଣଙ୍କ ଇଚ୍ଛା।' - ନଟଦାସ କହିଲେ ଏବଂ ସେପଟକୁ ଖଞ୍ଜଣିଟା ରଖି ଚୁପ୍‌ଚାପ୍ ବସିଥିବା ସନାତନ ଆଡକୁ ଚାହିଁ ପଚାରିଲେ - କିୟୋ ବୋପେଇ, କାହଁ ଅଇଲା ପରି କ'ଣ ବସିଛ କ୍ୟୋ? ପୁଅପରା ମାଟ୍ରିକ୍ ପାସ୍ କଲା ଫାଷ୍ଟ ଡିଭିଜନରେ? ତାକୁ କଲେଜ ପଠେଇବ ନା ନାଇଁ?

ସନାତନ ଟିକେ ସଳଖି ବସି କହିଲେ, 'କଲେଜ କିଏ ଆମେ କିଏ ହୋ ନଟଭାଇ। ର' ଠ' କରି ମାଟ୍ରିକ୍ ଯାଏ ପଢ଼େଇଲି ତମ ତାଙ୍କ ଦୟାରୁ। ସେଇ ଢେର୍। ମୋ ଅଣ୍ଟାରେ ଆଉ ବଳ ନାଇଁ।

- "କି କଥା କହୁଚୁ ସନା, ପୁଅଟାକୁ ଏମିତି ଅଧାପନ୍ତରିଆ କରି ଛାଡିବୁ? ଭଲପାଠ ପଢୁନଥାନ୍ତା, ଅଲଗା କଥା। ପିଲାଟାର ପାଠପଢ଼ାରେ ଭାରି ନଜର ଅଛି। ତା' ମନଉଣା ହୋଇଯିବନି। ତା' ମନକଥା ଛାଡ, ଆଜିକାଲି ବି.ଏ, ଏମ୍.ଏ ନ ପଢ଼ିଲେ ଚାକିରି ତ ଚାକିରି, ତା ବାସ୍ନା ବି ମିଳିବନି। -ନଟଦାସ ବୁଝାଇବା ଭଙ୍ଗୀରେ କହିଲେ।

ଦଣ୍ଡେ ଗୁମ୍‌ମାରି ବସି ଦୀର୍ଘଶ୍ୱାସଟିଏ ଛାଡି ସନାତନ କହିଲେ, "ଅଣ୍ଟାରେ କଉଡି ଥିଲେ, ମତେ କହିବାକୁ ପଡନ୍ତାନି ନଟଭାଇ। ନ'ଟା ନାଇଁ ଛ'ଟା ନାଇଁ, ଗୋଟିଏ ବୋଲି ପୁଅ। ତାକୁ ଅଧିକ ଦି' ଅକ୍ଷର ପଢ଼ାଇବାକୁ କ'ଣ ମୋ' ଆତ୍ମା ଡାକୁନି? ତମକୁ ଆଉ ଅଧିକଟା କ'ଣ କହିବି? ବଢ଼ିଲା ଝିଅଟା ପରା ଘରେ ବଇଚି! ସେଇ ଚିନ୍ତାରେ ରାତିରେ ମୋତେ ନିଦ ହଉନାଇଁ। ତମେ ଭାଇ ସବୁ ଜାଣି ଅଜଣା.. ସନାତନଙ୍କ କଣ୍ଠ ଓଦା ହୋଇଗଲା।

ବସିବା ସ୍ଥାନରୁ ଉଠିପଡି ଗାମୁଛାରେ ଗୋଡାହାତ ଝାଡଝୁଡି ହେଉହେଉ ନକୁଳ ଅଜା କହିଲା- "କାଇଁକି ସେ ନଟକଥା ଶୁଣୁଛୁରେ ସନିଆ। ଆମେ ଚାଷୀବନ୍ଦୀ ଲୋକ। ଆମକୁ କ'ଣ ମିଳିବ ସେ ପାଠପଢ଼ାରୁ? ପୁଅ ପାଠପଢ଼ି ଚାକିରି କରିବ। ବାପା ମା'କୁ ପୋଷିବ, ଏ ଆଶା ଅଳିକ। ହେଇଟି ପରା ଆଖି ଆଗରେ ଦେଖୁଛ ସେ ବାଲିପାଟଣା ପରିଆ ପୁଅ ହେମନ୍ତକୁ। କ'ଣ କଲା? ବାପ ପେଟ ବେମାରୀରେ ଘାଣ୍ଟି ହେଇ ହେଇ ମଲାପଛେ, ଟିକେ ମୁହଁକୁ ଚାହିଁଲା? ସବୁ ଦୋଷ ସେଇ ଇଂରେଜୀ ପାଠରେ ବାପା। ବରଂଚ, ବିଲରେ ମୂଲ ଲାଗିବ, ଭଲ।"

ସନାତନ କିଛି ନ କହି ଖଞ୍ଜଣିଟା ଧରି ଉଠିଲେ। ପରେ ପରେ ନକୁଳ ଅଜା, ନଟଦାସ ଏବଂ ଆଉ କେଇଜଣ ଉଠିବା ପରେ ନନା ନିଜ ବଖରାକୁ ଯାଇ କବାଟ କିଳିଲେ।

ଅନ୍ଧକାରର ଗାଢ଼ ପଣତ ତଳେ ସାରାଦିନର କ୍ଳାନ୍ତିକୁ ଧରି ଗାଁ ଅଚେତ ହୋଇପଡିଲାଣି। ବାଉରୀ ସାହିର କେଇଟା କୁକୁର କୌତୁକରେ ଦୌଡାଦୌଡି ହେଇ କାହା ପିଣ୍ଡା କି ଓଳିତଳେ ଘୁମେଇ ପଡିଲେଣି। ଦୂର କେଉଁ ଗାଁ'ରୁ ଅସ୍ପଷ୍ଟ ଭାବେ ଭାଷି ଆସୁଥିବା ମାଇକର ସ୍ୱର ଅନେକବେଳୁ ବନ୍ଦ ହୋଇଗଲାଣି।

ସାରା ପୃଥିବୀକୁ ସତେ ଅବା ଗ୍ରାସ କରି ପକାଇଥିଲା ଅଖଣ୍ଡ ନିରବତା। ଅନ୍ଧକାରର ଏ ବିଷାଦ ଓ ବିମର୍ଷ ଭାବ ଭିତରୁ ଆକାଶର କୁନି କୁନି ତାରାମାନେ ତଥାପି ମିଟ୍ ମିଟ୍ କରି ଚାହିଁ ରହିଥିଲେ ଗଭୀର ପ୍ରଶାନ୍ତିରେ ଶୋଇ ପଡିଥିବା ପୃଥିବୀକୁ। ସେଇ ମିଟ୍ ମିଟ୍ ଚାହାଣୀ ଜରିଆରେ ସତେ ଯେପରି ବାର୍ତ୍ତା ପଠାଉଥିଲେ - "ଆଲୋକର ଅବର୍ତ୍ତମାନରେ ଅନ୍ଧକାର ଏବଂ ଅନ୍ଧକାରର ଅବର୍ତ୍ତମାନରେ ଆଲୋକ ହିଁ ସଂସାରର ନିୟମ। ଜୀବନର ସମସ୍ତ ଦାମ୍ଭିକତା ଓ ଆତ୍ମ ବିଶ୍ୱାସକୁ ପୁଞ୍ଜିକରି ଆସନ୍ତାକାଲିର ଏକ ଚମତ୍କାର ସୁନେଲି ସକାଳକୁ ପାଛୋଟି ଆଣିବା ପାଇଁ ରାତିଟିଏ ଶାନ୍ତିର ନିଦ ଶୋଇପଡ ମଣିଷ। ରାତି ପାହିଲେ ଅନେକ କାମ....।"

*(କ୍ରମଶଃ)*

## ଠାକୁର ପୂଜି ବି ପାଉନି ଶାନ୍ତି



**ଶିଶିର କୁମାର ପଣ୍ଡା**

ତିନିଘଣ୍ଟା ଦିଅଁ ନିଇତି ପୂଜେ ମୁଁ
ଦାନ କରୁଥାଏ ଦୁଃଖିକୁ
ଖୁସିହେବା ଟିକେ ଦେଖିବି ବୋଲି ମୋ
ଭାରିଯା ଚନ୍ଦର ମୁଖୀକୁ।
ତାଆରି କଥାରେ ଘର ଛାଡିଦେଇ
ରହୁଛି ଆସିକି ଦୂରରେ
ମତେ ଝୁରୀ ଝୁରୀ ରୋଗୀଣା ମାଆଟା
କେଉଁକାଳୁ ଆର ପୁରରେ।
ବାପା ଏକୁଟିଆ ଗାଆଁରେ ରୁହନ୍ତି
ଭଲ ଦିଶୁନାହିଁ ଆଖିକି
ଡାକତର ତାଙ୍କୁ ଦେଖେଇଛି ଲୁଚି
ଦି'ଥର କଟକ ଡାକିକି।





ମୋ ଠାରୁ ବିଦାୟ ନେଲା ବେଳେ ବାପା
ଆଖିଲୁହ ପଡେ ନିଗିଡି
ଘରକୁ ଡାକିବି ସାହସ ହୁଏନା
ଘରଣୀ ଯିବ ମୋ ବିଗିଡି।
ଭାବିଲେ ବସିକି ଏକଥା ନିଜକୁ
ଅପରାଧୀ ବୋଲି ମଣୁଛି
ବାପାଙ୍କ ବୟସ କେବେ ମୋ ଆସିବ
ଏବେଠାରୁ ଦିନ ଗଣୁଛି।

*କୁଆଁସ, ମେରଦା, କାଟିଆ, ଯାଜପୁର*
*ଦୂରଭାଷ : ୮୯୮୧୭୩୭୨୨୮*

## ଲଅକଡାଉନ୍



 କ୍ଷମାକର ବେହେରା



କରୋନା ପାଇଁକି ଗୋଟେ ଅଉଷଧ
ଲଅକଡାଉନ ଜାଣିଥା ପୁଅ
ଆଉ କି ଉପାୟ ଏଥୁ ବଞ୍ଚିବାର ଅଛି
ଅବା କିଏ ଜାଣିଛ କୁହ।
ଋଷ, ଜର୍ମାନୀ, ଇଟାଲୀ,ଚାଇନା,ଆମେରିକା
ଯେତେ ଆଗୁଆ ଦେଶ,
ଏଇ ଉପାୟକୁ ଆପଣେଇଛନ୍ତି ତଡି
କରିବାକୁ କରୋନା ଶେଷ
କେହି କା ସାଥିରେ ନମିଶିଲେ ଭାଇ
ମାଡିବନି ଆଉ ଏ ମହାମାରୀ,
କାୟା କମିଯିବ ଆପେ ଆପେ ଦିନେ
କୋକୁଆ ଭୟରୁ ହୋଇବା ପାରି।
ସଚେତନ ହୋଇ ନ ରହିଲେ ଆମେ
ଧ୍ୱଂସ ହବ ଧରା ଆସୁଛି ଦିନ,
ରହିବେନି ଆଉ ମାନବ ସମାଜ
ଲିଭିଜିବ ବଳେ ଆମରି ଚିହ୍ନ।

ଏକଥାକୁ ହେଜି ବଡିମାକୁ ତେଜି
ଲଅକଡାଉନ୍ ମାନେଟି ବୁଝ
ସରକାରଙ୍କର ନିୟମ ମାନିକି ଘରେ
ରହି ନିଜ କାମରେ ଯୁଝ।
ପ୍ରହସନ ମଣି ନ ମାନିବା ଯଦି
କରୋନା କବଳେ ରହିବା ଆମେ
ଟଙ୍କା, ସୁନା, ରୁପା, ମୋତି କି ମାଣିକ
ଦରକାର ହେବ ଆଉ କି କାମେ!

*ଶିକ୍ଷକ*
*ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ*
*କଳାପାଟ, ହରିଚନ୍ଦନପୁର, କେନ୍ଦୁଝର*
*ଦୂରଭାଷ : ୯୮୫୩୫୬୯୭୮୫*

## ସ୍ମୃତିର ସମ୍ଭାର

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ଖୋଜିବା ଜୀବନ ବୋଲି
ଜାଣିଲାବେଳକୁ
ମାଟି ସ୍ତବ୍ଧ
ଆକାଶ ନିଥର
ଚଉଦିଗେ ଖେଳେ ଆଜି
ସ୍ମୃତିର ସମ୍ଭାର।
ଆଖିର ଲୁହରେ ମୁକ୍ତା
ସ୍ୱପ୍ନରେ ସୁରଭି
ଦେହରେ ବେପଥୁ ଏବେ
ମୁଗ୍ଧ ଅନୁଭୂତି।



ଦେହତ ନିଆରା ଏଠି
ଦେହଠାରୁ ଭିନ୍ନ
ବିଦେହର ଲଗ୍ନ ଏବେ
ବିଶ୍ୱାସର ମୋହ
କାଲିକୁ ଅଣ୍ଡାଳି ଏବେ
ଆଜିରେ ବଞ୍ଚିଛି
କାଲିଠାରୁ କ'ଣ ଅବା
ଏବେ ମୁଁ ପାଇଛି ?

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ମୋ:୮୮୯୫୧୪୧୭୨୭*

## ସେମାନେ କ'ଣ ଜାଣନ୍ତି



**ଲୋପାମୁଦ୍ରା ନାୟକ**

ମୁଁ ସଂସାର ଭିତରୁ ଯେତିକି ନିଜକୁ ଦୂରେଇ ରଖେ
ଯେତେ ଏହା ଭୋଗିବାକୁ ଚାହେଁ ମୋ ଭାଗର ସୁଖତକକୁ
ସେ ମତେ ସେତିକି ଘୋଷାରିନିଏ ସଂସାର ଜଞ୍ଜାଳ ମଧ୍ୟକୁ
ମୋ ହାତରେ, ଭାଗ୍ୟର ରେଖାରେ ଟାଣିଦିଏ ଦୁଃଖର ଲମ୍ବା ଗୋଟେ ରେଖା
ଯେଉଁଥିରେ ତା'ଭାଗର ସୁଖତକକୁ ଛାଡି ବଳକା ଦୁଃଖ ତକ ମୋ ନାଁରେ ସଂକ୍ରମିତ ହୁଅନ୍ତି
ଯାହାର ଆପାଦମସ୍ତିଷ୍କ ବିଷଫୁଲରେ ପ୍ରସ୍ଫୁଟିତ
ଦେହଯାକ କଣ୍ଟାର ସେଜ, ମଥାରେ ଲାଲଡହଡହ ତତଲା ରକ୍ତ
ସେ ମତେ ପୁଣି ଥରେ ନିର୍ବାଣ ଦେବ କହି ସେଇଠି କି ନେଇଯାଏ
ଯେଉଁଠି ଜୀବନ ସାଜେ କାରାବନ୍ଦ
ସ୍ୱପ୍ନର ହତ୍ୟା ହୁଏ ବାରମ୍ବାର,
ହଁ ଏ ସେଇ ପାପ ପିଣ୍ଡ ଯିଏ ତତଲା ତେଲରେ ପଡି ମଧ ସେ ସ୍ୱପ୍ନ ଦେଖେ ନୂତନ ସୂର୍ଯ୍ୟର
କାରା କୋଠରିର ଝର୍କା ଫାଙ୍କରୁ ଆହ୍ୱାନ ଦିଏ ନୂତନ ଧରାସର୍ଜନାର
ହିଁ ଏ ନାରୀ ଧରାପୃଷ୍ଠରେ ନିଜର ଅସ୍ତିତ୍ୱ ହରାଏନି କେବେ
ଡହଡହ ତତଲା ରକ୍ତରେ ବି ସେ ଆଙ୍କିପାରେ ଇନ୍ଦ୍ରଧନୁ, ସୃଷ୍ଟି କରିପାରେ ବିଶାଳ ପୃଥିବୀ।
ପଥର ସାଜି ସହିପାରେ ଲକ୍ଷେ ବ୍ରଜର ପ୍ରହାର
ଦୋହଲେଇ ଦେବ କହି ଯିଏ ହାଣିଚାଲେ ତାର ରକ୍ତ, ମାଂସ, ହାଡ ତକକୁ
ସେମାନେ କ'ଣ ଜାଣନ୍ତି ତାର ଚେର, ମୂଳ, କାଣ୍ଡ ଆଦିରେ ସେମାନଙ୍କୁ ଧ୍ୱଂସାବଶେଷ ଲେଖା।

*କଳିଙ୍ଗନଗର, ଯାଜପୁର*



## ପାଷାଣୀ ଅହଲ୍ୟା



**ଅଶୋକ କୁମାର ପ୍ରଧାନ**

କ'ଣ ପାଇଁ ପ୍ରତିବାଦ କରିଥାନ୍ତି ସେଦିନ
ତୁମର ସେଇ ପଦିଏ କଥାକୁ
କହିଥିଲେ କ'ଣ ଚାପି ପାରିଥାନ୍ତି
ତୁମର କ୍ରୋଧାନ୍ୱିତ ଅଭିଶାପକୁ
ଯାହା ପୂର୍ଣ୍ଣିମା ରାତିର ରତ୍ନାକର ଉତ୍ତାଳ
ଢେଉପରି ମାଡି ଆସିଥିଲା ମୋ ଜୀବନ
ଉପରକୁ ଆଉ ମୁଁ ଭିଜି ଯାଇଥିଲି ମୋ ଲୁହର ବନ୍ୟାରେ।
ଅତୀତ ଆଉ ବର୍ତ୍ତମାନ ଭିତରେ ଫରକ କିଛି ନାହିଁ
ଆଜି ବି ସମାଜରେ ସବୁ କ୍ଷେତ୍ରରେ ଦେଖା ହୁଏ
ଠିକ୍ ତୁମ ଭଳି ଲକ୍ଷ ଲକ୍ଷ ଗୌତମଙ୍କୁ
ତୁମେ କିନ୍ତୁ ଅଲଗା ସେମାନଙ୍କ ଠାରୁ
ତୁମେ ଶିଖାଇଥିଲ ନିଶ୍ଚିହ୍ନ ଆଉ ନିର୍ବାଣର ସୂତ୍ର
ଆଉ ବର୍ତ୍ତମାନରେ ନିଶ୍ଚିହ୍ନ ଛଡା
ଆଉ କ'ଣ ଅଛି ମୋ ପାଇଁ
ନିର୍ବାଣର ସଙ୍କେତ ହିଁ ନାହିଁ।

ସେଦିନ ସହିଥିଲି ଆଜି ବି ସହୁଛି
ମୋ ଅନ୍ତରର ଲହୁ ଆଜି ଜୀବନ ଗଙ୍ଗାରେ
ଲୁହ ହୋଇ ବୋହି ପାଲଟିଛି ଚିରସ୍ରୋତା
ସେଦିନ ମୁଁ ନିକଟରେ ପାଇଥିଲି ରଘୁନନ୍ଦନରାମଙ୍କୁ



ପାଇଥିଲି ନିର୍ବାଣର ପଥ
ଆଉ ପାଲଟିଥିଲି ପାଷାଣ ପ୍ରାଣଯୁକ୍ତ ଅହଲ୍ୟା
ଆଜି କିନ୍ତୁ ସେସବୁ ବୃଥା ସ୍ୱପ୍ନ ପାଲଟିଛି ମୋ ପାଇଁ
ଚାହିଁ ରହିଛି ସେହି ରଘୁନନ୍ଦନ ରାମଙ୍କୁ
ଦେଖିବାକୁ ନିର୍ବାଣର ପଥ
ଠିକ୍ ପାଷାଣୀ ଅହଲ୍ୟାଟି ହୋଇ।

*ଶିକ୍ଷକ, ରୋହିଗାଁ, ଗଞ୍ଜାମ*
*ଦୂରଭାଷ : ୮୨୪୯୧୧୯୧୩୦*

## ପିଲାଙ୍କ ଦୁନିଆ







**ବିଶ୍ୱଜିତ ମହାପାତ୍ର**
ଷ୍ଟାଣ୍ଡାର୍ଡ-୮
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର, ଭୁବନେଶ୍ୱର





**ସୌମ୍ୟ ପ୍ରସାଦ ବେହେରା**
ଷ୍ଟାଣ୍ଡାର୍ଡ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

# କରୋନା ବିରୋଧୀ ଲଢ଼େଇରେ ସାରା ଦେଶବାସୀ ଏକ







# 'କରୋନା ମୁକାବିଲା ସଂଗ୍ରାମରେ କେହି ବି ଏକୁଟିଆ ନୁହଁ'

**ଭୁବନେଶ୍ୱର :** ସାରା ବିଶ୍ୱରେ କରୋନା ଆତଙ୍କ ସୃଷ୍ଟି କରିଛି । ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ମହାମାରୀ କରୋନା ସଂକଟ ବର୍ତ୍ତମାନ ଚାରିଆଡେ ଯେଉଁ ଅନ୍ଧକାର ବିଛାଇଛି ତାହା ଭିତରେ ଆମକୁ ଆଲୋକ ଏବଂ ଆଶା ଆଡକୁ ନିରବଚ୍ଛିନ୍ନ ଭାବେ ଅଗ୍ରସର ହେବାକୁ ପଡିବ । କରୋନା ରୋଗରେ ଆକ୍ରାନ୍ତ ବ୍ୟକ୍ତି ଏବଂ ଗରିବ ଭାଇ ଭଉଣୀମାନଙ୍କୁ ସାଙ୍ଗରେ ଧରି ସେମାନଙ୍କୁ ମନରେ ଥିବା ଆଶଙ୍କା ଓ ଭୟକୁ ଦୂର କରିବା ପାଇଁ ଆଶାର ଆଲୋକ ଦିଗରେ ଆଗେଇବା ପାଇଁ ଆଜି ଓଡିଶାବାସୀଙ୍କ ସମେତ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ନିଜ ପରିବାର ସହ ଘର ଆଗରେ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଜି ରାତି ୯ ଟା ସମୟରେ ୯ ମିନଟ ପାଇଁ ରାଜ୍ୟବାସୀ ସ୍ୱତଃପ୍ରବୃତ ଭାବେ ଘରର ସମସ୍ତ ବତୀକୁ ଲିଭାଇ ନିଜ ଘର ଦୁଆରେ ଏବଂ ବାଲକୋନୀରେ ଦୀପ, ମହମବତୀ, ଟର୍ଚ୍ଚ ଓ ମୋବାଇଲ ଫ୍ଲାସ ଲାଇଟକୁ ଜଳାଇଥିଲେ । କୌଣସି ବ୍ୟକ୍ତି ନିଜ ଘରୁ ନବାହାରି ସାମାଜିକ ଦୂରତାକୁ ବଜାୟ ରଖି ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନକୁ ପାଳନ କରିଥିବାରୁ ସମଗ୍ର ରାଜ୍ୟବାସୀଙ୍କୁ ଶ୍ରୀ ମହାନ୍ତି ଧନ୍ୟବାଦ ଜଣାଇଛନ୍ତି । କରୋନା ମୁକାବିଲା ସଂଗ୍ରାମରେ ସମସ୍ତେ ଏକାଠୀ ଅଛନ୍ତି ବୋଲି ସମଗ୍ର ରାଜ୍ୟବାସୀ ବାର୍ତ୍ତା ଦେଇଛନ୍ତି । ଏହି ଆଲୋକ କରୋନା ସଂକଟର ଅନ୍ଧକାରରୁ ନିଶ୍ଚିତ ଭାବେ ଆମକୁ ମୁକ୍ତି ପ୍ରଦାନ କରିବା ସହ ଏହି ଲଢେଇରେ ଆମର ବିଜୟ ନିଶ୍ଚିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶର ସର୍ବବୃହତ ...

ବ୍ୟବସ୍ଥା କରାଯାଇଛି । ସେହିପରି କୋଭିଡ୍-୧୯ ଆକ୍ରାନ୍ତଙ୍କ ଚିକିତ୍ସାରେ ନିୟୋଜିତ ହେବାକୁ ଥିବା ଡାକ୍ତର ଓ ନର୍ସମାନଙ୍କ ପାଇଁ ସେହିଠାରେ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ହସ୍ପିଟାଲ୍ ଦୁଇଟିରେ ରୋଗୀମାନଙ୍କୁ ଚିକିତ୍ସା, ଖାଦ୍ୟପେୟ ଓ ରହିବା ସୁବିଧା ସରକାର ମାଗଣାରେ ଯୋଗାଇଦେବା ପାଇଁ ପୂର୍ବରୁ ଘୋଷଣା କରିଥିଲେ । କୋଭିଡ୍-୧୯ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୨୬ ତାରିଖରେ ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ୧ ହଜାର ଶଯ୍ୟା ବିଶିଷ୍ଟ ୨ଟି କୋଭିଡ୍-୧୯ ହସ୍ପିଟାଲ୍ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଥିପାଇଁ ରାଜ୍ୟ ସରକାର, କିମ୍ସ ମେଡିକାଲ୍ କଲେଜ ଓ ସମ୍ ମେଡିକାଲ କଲେଜ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହା ପରେ କଟକରେ ମଧ୍ୟ ସମାନ ସୁବିଧା ପାଇଁ ଅଶ୍ୱିନୀ ହସ୍ପିଟାଲ୍ ସହିତ ରାଜ୍ୟ ସରକାର ଆଲୋଚନା କରିଥିଲେ । ୧୫ ଦିନ ମଧ୍ୟରେ ଆରମ୍ଭ ହେବାକୁ ଥିବା ଏହି ହସ୍ପିଟାଲ୍ ନିମନ୍ତେ ଓଡ଼ିଶା ଖଣି ନିଗମ (ଓଏମ୍ସି), ମହାନଦୀ କୋଲ୍ ଫିଲ୍ଡ (ଏମ୍ସିଏଲ୍) ସେମାନଙ୍କ ସିଏସ୍ଆର୍ ପାଣ୍ଠିରୁ ଏହି ଅର୍ଥ ଯୋଗାଇଛନ୍ତି । ସେପଟେ ସମ୍ ପକ୍ଷରୁ କୋଭିଡ-୧୯ ହସ୍ପିଟାଲ୍ ସ୍ଥାପନ କାମ ଜୋରାଦାର ଚାଲିଛି । ଆସନ୍ତା ୩ ଦିନ ମଧ୍ୟରେ ୫୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ କୋଭିଡ୍-୧୯ର ମୁକାବିଲା ଓ ଆକ୍ରାନ୍ତଙ୍କୁ ସବୁପ୍ରକାର ଚିକିତ୍ସା ସହାୟତା ଯୋଗାଇଦେବା ନିମନ୍ତେ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ ମଧ୍ୟ ସାମାଜିକ ଦୂରତ୍ୱ, ନିୟମିତ ହାତଧୁଆ ଓ ଲକ୍ଡାଉନ୍ ନିୟମାବଳୀର କଡ଼ାକଡ଼ି ଅନୁପାଳନ କରାଗଲେ କରୋନାକୁ ପ୍ରତିହତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

### ବିଶ୍ୱରେ ମୃତ୍ୟୁ ସଂଖ୍ୟା ...

ଲୋକଙ୍କ ପାଇଁ ବ୍ରିଟେନ୍ ସରକାର ଚିନ୍ତାପ୍ରକଟ କରିଛନ୍ତି । କରୋନା ସଂକ୍ରମଣ ରୋକିବା ପାଇଁ ଲକ୍ଡାଉନ୍ ନିୟମକୁ ମାନିବା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିଲା ବେଳେ ଲୋକମାନେ ତା' ପ୍ରତି କର୍ଣ୍ଣପାତ କରୁନାହାନ୍ତି । ଲୋକମାନେ ରାସ୍ତାଘାଟରେ ବୁଲିବା ସହ ପାର୍କ ସମେତ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ଦଳଦଳ ହୋଇ ବୁଲୁଛନ୍ତି । ସ୍ପେନ୍ରେ ଲକ୍ଷେ ୨୬ ହଜାର ୧୬୮ କରୋନା ସଂକ୍ରମିତ ଥିଲାବେଳେ ୧୧ ହଜାର ୯୪୭ ପ୍ରାଣ ହରାଇଛନ୍ତି । ତେବେ ୩୪ ହଜାର ୨୧୯ ସୁସ୍ଥ ହୋଇଛନ୍ତି ବୋଲି ସ୍ପେନ୍ ସ୍ୱାସ୍ଥ୍ୟ ରେକର୍ଡ ସୂତ୍ରରୁ ପ୍ରକାଶ । ଇଟାଲୀରେ ସଂକ୍ରମିତ ଲକ୍ଷେ ୨୪ ହଜାର ୬୩୨ ଜଣଙ୍କ ମଧ୍ୟରୁ ୧୫ ହଜାର ୩୬୨ ପ୍ରାଣ ହରାଇଛନ୍ତି । ଜର୍ମାନୀରେ ୯୬ ହଜାର ୯୨ ସଂକ୍ରମିତଙ୍କ ମଧ୍ୟରୁ ୧୪୪୪ ମୃତ୍ୟୁବରଣ କରିଛନ୍ତି । ଚୀନରେ ୮୧ ହଜାର ୬୩୯ ଆକ୍ରାନ୍ତଙ୍କ ମଧ୍ୟରୁ ୩,୩୨୬ ପ୍ରାଣ ହରାଇଛନ୍ତି । ଫ୍ରାନ୍ସରେ ୮୯ ହଜାର ୯୫୩ ସଂକ୍ରମିତଙ୍କ ମଧ୍ୟରୁ ୭,୫୬୦ ପ୍ରାଣ ହରାଇଥିଲା ବେଳେ ସୁସ୍ଥ ହୋଇଛନ୍ତି ୧୫ ହଜାର ୪୩୮ । ଇରାନ୍ରେ ୫୫ ହଜାର ୭୪୩ ସଂକ୍ରମିତଙ୍କ ମଧ୍ୟରୁ ୩,୪୫୨ ମରିଛନ୍ତି ଓ ସୁସ୍ଥ ହୋଇଛନ୍ତି ୧୯ ହଜାର ୭୩୬ । ବ୍ରିଟେନ୍ରେ ୪୧ ହଜାର ୯୦୩ ସଂକ୍ରମିତ ହୋଇଥିଲା ବେଳେ ୪,୩୧୩ ପ୍ରାଣ ହରାଇଛନ୍ତି । ତୁର୍କୀରେ ୨୩ ହଜାର ୯୩୪ ସଂକ୍ରମିତଙ୍କ ମଧ୍ୟରୁ ପ୍ରାଣ ହରାଇଲେଣି ୫୦୧ । ସ୍ୱିଜରଲ୍ୟାଣ୍ଡରେ ୨୦ ହଜାର ୫୦୫ ସଂକ୍ରମିତ ଥିଲାବେଳେ ୬୬୬ ଜଣ ମୃତ୍ୟୁ ମୁଖରେ ପଡ଼ିଛନ୍ତି ।

### କେବଳ ...

ସେହିପରି ଦିତ୍ୱୀୟ ଯୁବକଙ୍କ ରାଜ୍ୟ ବାହାରକୁ ଗସ୍ତ ଇତିହାସ ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୩୨ ଜଣ ପଜିଟିଭ୍ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସେହିପରି ବାକି ୩୦ ଜଣଙ୍କୁ ଚିକିତ୍ସା କରାଯାଉଛି । ଏହା ବ୍ୟତୀତ କଟକ, ପୁରୀ, କଳାହାଣ୍ଡି, ଯାଜପୁରରୁ ମଧ୍ୟ ଜଣେ ଲେଖାଏଁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଭଦ୍ରକରୁ ୩ ଜଣ ଆକ୍ରାନ୍ତ ବାହାରିଛନ୍ତି । ଏମାନେ ସମସ୍ତେ ଚିକିତ୍ସିତ ହେଉଛନ୍ତି । ଆଜି ପରୀକ୍ଷଣ ପାଇଁ ପଠାଯାଇଥିବା ୭୫ ଜଣ କରୋନା ସନ୍ଦିଗ୍ଧଙ୍କୁ ବିଭିନ୍ନ ଚିକିତ୍ସାଳୟରେ ପୃଥକବାସରେ ରଖାଯାଇଛି । ଅନ୍ୟପକ୍ଷରେ ଯେଉଁ ସ୍ଥାନରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସଂକ୍ରମଣ ପ୍ରତିରୋଧ ଜୋନ୍ଗୁଡ଼ିକରେ ଘରକୁ ଘର ବୁଲି ନିରୀକ୍ଷଣ କାର୍ଯ୍ୟ ଚାଲୁ ରହିଛି । ଆବଶ୍ୟକତା ଦୃଷ୍ଟିରୁ ଚିହ୍ନଟ ଓ ପରୀକ୍ଷଣ କାର୍ଯ୍ୟକୁ ବ୍ୟାପକ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଆଇନ୍-୨୦୦୫ ଅନୁଯାୟୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୌର କର୍ତ୍ତୃପକ୍ଷ/ଜିଲ୍ଲା ପ୍ରଶାସନ ବିଭିନ୍ନ ଅଞ୍ଚଳକୁ ସଂକ୍ରମଣ ପ୍ରତିରୋଧ ଜୋନ୍ ଘୋଷଣା କରିପାରିବେ ବୋଲି ମୁଖ୍ୟ ସଚିବ କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟର ୬ ହଜାର ୭୯୮ଟି ଗ୍ରାମପଞ୍ଚାୟତରେ ୬ ହଜାର ୮୨୯ଟି ଅସ୍ଥାୟୀ ଚିକତ୍ସା ଶିବିର ଖୋଲାଯାଇଛି । ଏସବୁରେ ୧ ଲକ୍ଷ ୫୮ ହଜାର ୮୨୯ ଶଯ୍ୟାର ବ୍ୟବସ୍ଥା କରାଯାଇଛି । ସେହିପରି ରବିବାର ୫ ହଜାର ୨୫୨ ଗ୍ରାମପଞ୍ଚାୟତରେ ୩ ଲକ୍ଷ ୨୬ ହଜାର ୯୩୫ ଜଣ ଏବଂ ୧୭୦ଟି ପୌରାଞ୍ଚଳରେ ୨୫ ହଜାର ୨୦୫ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି ।

### ଉଠିଲା ...

ମୁଖ୍ୟ ସଚିବ ଅନୁରାଧ କରିଛନ୍ତି । ଅନ୍ୟପକ୍ଷରେ ରାତି ୮ଟା ପରେ ସଟ୍ଡାଉନ୍ ଉଠିଥିଲେ ମଧ୍ୟ ଲୋକମାନେ ସଉଦାପତ୍ର ଓ ଅନ୍ୟାନ୍ୟ ଜିନିଷପତ୍ର ଆଣିବା ପାଇଁ ଦୋକାନବଜାରରେ ଭିଡ଼ କରନ୍ତୁ ନାହିଁ । ଗତ ଦୁଇଦିନରେ ଆମେମାନେ ପାଇଥିବା ସଫଳତାକୁ ପୁଞ୍ଜି କରି ଆଗେଇବା ଆମ ପାଇଁ ଅତ୍ୟନ୍ତ ବଡ଼ କଥା । ତେଣୁ, ଗହଳି ବଢ଼ାଇବାକୁ ପ୍ରଶ୍ରୟ ଦେବାନାହିଁ କି ସଂକ୍ରମଣ ନିମନ୍ତେ ସୁଯୋଗ ସୃଷ୍ଟି କରିବା ନାହିଁ । ସମସ୍ତେ କଠୋର ଭାବରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସେ ସମସ୍ତଙ୍କୁ ଅନୁରାଧ କରିଛନ୍ତି । ବିଭିନ୍ନ ଗୋଷ୍ଠୀର ନେତା, ଚିନ୍ତାଶୀଳ ଓ ସତର୍କ ନାଗରିକମାନେ ଏହି ବାବଦରେ ପ୍ରଶାସନକୁ ସାହାଯ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ସେ ଅନୁରାଧ କରିଛନ୍ତି । ସେପଟେ ସଟ୍ ଡାଉନ୍ ଉଠିବା ପରେ ମଧ୍ୟ ଭୁବନେଶ୍ୱର, କଟକ ଏବଂ ଭଦ୍ରକରେ ତେଜରାତି ଦୋକାନ ରାତିରେ ଖୋଲିନାହିଁ । ସୋମବାର ସକାଳ ୭ଟାରୁ ଏଠାରେ ତେଜରାତି ଦୋକାନ ଖୋଲିବା ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି । ଏହି ୩ ସହରରେ ରବିବାର ରାତି ୮ଟାରେ ସଟ୍ଡାଉନ୍ କଟକଣା ହଟିଥିବା ବେଳେ ଲକ୍ଡାଉନ୍ ବଳବତ୍ତର ରହିଛି । ରବିବାର ସଟ୍ଡାଉନ୍ ଉଠିବା ପରେ ରାତି ୮ଟାପରେ ଦୋକାନୀମାନେ ହୋଲସେଲରଙ୍କ ଠାରୁ ଜିନିଷ ଆଣିବେ । ସକାଳ ୭ଟାରେ ସେମାନେ ଦୋକାନ ଖୋଲିବେ । ଏଥିସହ ଦୋକାନ ଗୁଡିକରେ ଲୋକଙ୍କ ଗହଳିକୁ କମାଇବାକୁ କିଛି ଅତିରିକ୍ତ କାଉଣ୍ଟର ଖୋଲିବାକୁ ଯୋଜନା ଥିବା ମହାସଂଘ ସମ୍ପାଦକ ସୂଚନା ଦେଇଛନ୍ତି । ବିଭିନ୍ନ ବସ୍ଷ୍ଟପ୍ ଓ ମ୍ୟୁନିସିପାଲଟି ଦୋକନରେ ଏହି ଅତିରିକ୍ତ କାଉଣ୍ଟର ଖୋଲିବାର ପ୍ରସ୍ତାବ ରହିଛି । ସରକାର ଅନୁମତି ଦେଲେ ତାହା କାର୍ଯ୍ୟକାରୀ ହେବ । ତେବେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଖାଉଟି ସାମଗ୍ରୀ ମହଜୁଦ ଥିବାରୁ ଲୋକଙ୍କୁ ଆତଙ୍କିତ ହୋଇ ସାମଗ୍ରୀ ନ କିଣିବାକୁ ରାଜ୍ୟ ବ୍ୟବସାୟୀ ମହାସଂଘ ଅପିଲ୍ କରିଛି ।

# ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ କରୋନା କ୍ରମାଗତ ଭାବେ ପ୍ରଭାବ ବିସ୍ତାର କରୁଥିବା ହେତୁ ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ପୂର୍ବରୁ ରାଜ୍ୟରେ କରୋନାର ପ୍ରଭାବ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଥିଲା । ଗତ ୨ ଦିନ ମଧ୍ୟରେ କରୋନା ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବା ହେତୁ ଏହାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କର ପରାମର୍ଶ ଲୋଡ଼ିଛନ୍ତି । ଫୋନ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ନବୀନ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଲକ୍ଡାଉନ୍ ଏପ୍ରିଲ ୧୪ରେ ଶେଷ ହେବାକୁ ଥିବା ବେଳେ ରାଜ୍ୟରେ ଲକ୍ଡାଉନ୍ ପରର ପରିସ୍ଥିତି କିଭଳି ରହିବ ସେ ନେଇ ଆଲୋଚନା ମଧ୍ୟ କରିଥିଲେ । ସେହିପରି କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯଥା ୧୦୦୦ଶଯ୍ୟା ବିଶିଷ୍ଟ କୋଭିଡ-୧୯ ହସ୍ପିଟାଲ ଓ ରାସନକାର୍ଡ ହିତାଧିକାରୀଙ୍କୁ ଆର୍ଥିକ ସହାୟତା, ଗରିବମାନଙ୍କୁ ଦିଆଯାଉଥିବା ରନ୍ଧା ଖାଦ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

## କରୋନା ଭୂତାଣୁର ମୁକାବିଲା

# ଗାଁ ଗଣ୍ଡାରେ ସଚେତନତାର ବାର୍ତ୍ତା ଦେଉଛନ୍ତି ଯୁବକ



**ବାରିପଦା :** କୋଭିଡ୍ -୨୦୧୯ ଭାଇରସ୍ ଦୃତ ସଂକ୍ରମଣର ପ୍ରତିଷେଧ ଓ ନିୟନ୍ତ୍ରଣ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟକୁ ସମୟ ସତର୍କତା ମୂଳକ ପଦକ୍ଷେପ ଓ ଲକ୍ ଡ଼ାଉନ ଘୋଷଣା ଜିଲ୍ଲାର ବିଭିନ୍ନ ଗାଁ ଗଣ୍ଡାମାନଙ୍କରେ ପ୍ରତିଫଳିତ ହୋଇଥିବାର ପରିଲକ୍ଷିତ ହୋଇଛି । ନିୟମ ନିର୍ଦ୍ଦେଶାବଳୀନୁସାରେ ଗାଁ ଗଣ୍ଡାରେ ବସବାସ କରୁଥିବା ଜନସାଧାରଣ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଇ ସତର୍କତା ମୂଳକ ସଚେତନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଜନ ସଚେତନାତାର ବାର୍ତ୍ତା ଦେଉଛନ୍ତି । ନିଜେ ଓ ଗ୍ରାମକୁ ସୁରକ୍ଷିତ ରଖିବା ନିମନ୍ତେ ଗ୍ରାମର କେତେକ ଯୁବକ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ଅଧୀନରେ ଥିବା ଖଡ଼ିଶୋଳ ପଞ୍ଚାୟତର ଗ୍ରାମବାସୀଙ୍କ କ୍ଷେତ୍ରରେ । ଯୁବକମାନେ ଗ୍ରାମ ପଞ୍ଚାୟତର ପ୍ରବେଶ ପଥ ରାସ୍ତାରେ ଅସ୍ଥାୟୀ ଗେଟ ନିର୍ମାଣ କରି ପାଳି କରି ଜଗି ବସିଛନ୍ତି । ଗେଟରେ କରୋନା ଭୂତାଣୁ ସମ୍ପର୍କୀତ ବିଭିନ୍ନ ବାର୍ତ୍ତା ପୋଷ୍ଟରେ ଲେଖାଯାଇ ଝୁଲାଇ ଦିଆଯାଇଥିଲା । ଗ୍ରାମ ପଞ୍ଚାୟତ ଭିତରକୁ ଭିତରୁ ବାହାରକୁ ଯାତାୟତ କରୁଥିବା ବ୍ୟକ୍ତିମାନଙ୍କୁ କରୋନା ଭୂତାଣୁଠାରୁ କିପରି ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନ କରାଇବା ସଂଗେସଂଗେ ଭଲଭାବେ ହାତ ଓ ପାଦକୁ ସାବୁନ ଆଦିରେ ଧୋଇ ଗ୍ରାମ ଭିତରକୁ ଓ ବାହାରକୁ ଛାଡ଼ୁଛନ୍ତି । ଏଥି ସହିତ ନିଜ ନିଜ ପଇସାରେ ସାବୁନ ଆଦି କିଣି ମାଗଣାରେ ଗରୀବ ଜନସାଧାରଣଙ୍କୁ ବାଣ୍ଟୁଥିବାର ଦେଖିବାକୁ ମିଳିଛି । ପୁଣି କୌଣସି କାମ ନଥାଇ ଅଯଥାରେ ବାହାରକୁ ନ ବାହାରିବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେବା ସହ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ "ଘର ଭିତରେ ପରିବାରର ସଦସ୍ୟମାନଙ୍କ ଗହଣରେ ରୁହ, ପରିବାରକୁ ସୁରକ୍ଷିତ ରଖିବା ସହ ଜିଲ୍ଲାବାସୀଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହୁଅ" ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଁଞ୍ଚାଉଥିବାର ପରିଲକ୍ଷିତ ହୋଇଛି । ଖଡ଼ିଶୋଳ ପଞ୍ଚାୟତର ଏହି ଯୁବକମାନଙ୍କ ଉଦ୍ୟମ ଜିଲ୍ଲାରେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ଥିବା ବେଳେ ପ୍ରାୟ ୨୦ରୁ ଅଧିକ ଗ୍ରାମର ଜନସାଧାରଣଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଥିବା ସମୟରେ ଖଡ଼ିଶୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣ କୁମାର ଟୁଡୁ ଓ ଉକ୍ତ ଯୁବକମାନଙ୍କର ନେତୃତ୍ୱ ନେଇଥିବା ଡ଼ମ୍ବରୁଧର ମହାନ୍ତ ଗ୍ରାମ ପଞ୍ଚାୟତ ଭିତରକୁ ଯାତାୟକ କରୁଥିବା ବ୍ୟକ୍ତିମାନେ ସଚେତନ ହେଲେ ସେମାନଙ୍କ ପରିବାର ସୁରକ୍ଷିତ ରହିବେ ବୋଲି ପ୍ରକାଶ କରିଥିଲେ । ସେହିପରି ବାଙ୍ଗିରିପୋଷି ବ୍ଲକ ଅଧୀନରେ ଥିବା କେତେକ ଗ୍ରାମ ରାସ୍ତାରେ ଗ୍ରାମବାସୀମାନେ ଫାଟକ ନିର୍ମାଣ କରି କରୋନା ଭାଇରସ ସମ୍ପର୍କୀତ ସଚେତନାତା ବାର୍ତ୍ତାର ବେନର ଲଗାଇବା ସହ "ଗାଁକୁ ଏବେ ନାଁ " ବାର୍ତ୍ତା ଦେଇଥିବାର ପରିଲକ୍ଷିତ ହୋଇଛି ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ପ୍ରୟାସ

# ଘରେ ବସି ପାଇ ପାରିବେ ଶୁଦ୍ଧ, ତଟକା ସୁବୁଜ ପନିପରିବା



**ବାରିପଦା :** କରୋନା ଭୂତାଣୁର ମୁକାବିଲା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ପକ୍ଷରୁ ଲକ୍ ଡ଼ାଉନ ଘୋଷଣାକୁ କାର୍ଯ୍ୟକାରୀ କରାଇବା ପାଇଁ ଜିଲ୍ଲାବାସୀ ଅଣ୍ଟା ଭିଡ଼ି ଆଗେଇ ଆସିଛନ୍ତି ଏବଂ ପ୍ରାୟତଃ ସମସ୍ତେ ନିଜ ନିଜ ପରିବାରର ସଦସ୍ୟମାନଙ୍କ ଗହଣରେ ଘର ଭିତରେ ସୁରକ୍ଷିତ ଭାବେ ରହିଛନ୍ତି । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜିଲ୍ଲାବାସୀ କିପରି ରୋଷେଇ ନିମନ୍ତେ ଆବଶ୍ୟକ ହେଉଥିବା ପନିପରିବାଗୁଡ଼ିକ ସହଜ ଓ ହାତ ପାହାନ୍ତାରେ କିପରି ପାଇପାରିବେ ସେଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଓରମାସର ସହଯୋଗରେ ଏକ ଅଭିନବ ପ୍ରୟାସ ହାତକୁ ନେଇଛନ୍ତି । ଜନସାଧାରଣ ସଜାଗ, ସତର୍କ ରୁହନ୍ତୁ ଓ କୋଭିଡ଼-୧୯କୁ ଦୂରେଇ ଦିଅନ୍ତୁର ବାର୍ତ୍ତା ବହନ କରି ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଓରମାସର ଡ଼େପୁଟୀ ସିଇଓ ବିମାନ ମଲଙ୍କ ପରିଚାଳନାରେ ସୁଲଭ ମୂଲ୍ୟରେ ଶୁଦ୍ଧ, ତଟକା ସୁବୁଜ ପନିପରିବା ଡ଼ୋର ଡେଲିଭାରୀ ଭାବେ ଯୋଗାଇ ଦେବା ନିମନ୍ତେ ମୟୂର ଫ୍ରେସ ନାମରେ ଏକ ଗାଡ଼ି ବାରିପଦା ପୌରପରିଷଦରେ ପ୍ରତ୍ୟେକ ୱାର୍ଡ଼ରେ ବୁଲିବ ଏବଂ ଏହାକୁ ମୟୂରଭଞ୍ଜ ଫଳ ଓ ପନିପରିବା ଚାଷୀ ଉତ୍ପାଦନ କମ୍ପାନୀ ପରିଚାଳନା କରିବେ । ପୌରବାସୀ ଘରେ ବସି ମୟୂର ଫ୍ରେସରୁ ପନିପରିବା ନେବା ନିମନ୍ତେ ଆଗ୍ରହୀ ରହିଥିଲେ ହ୍ୱାଟ୍ସଆପ୍ପ ନମ୍ବର ୯୮୬୧୫୦୯୮୯୬ରେ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରେସ ଇସ୍ତାହାର ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବାରିପଦା ପୌରବାସୀ କୋଭିଡ଼-୧୯କୁ ନେଇ ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ସମୟରେ ପ୍ରଶାସନର ଏହି ମହତ୍ ପ୍ରୟାସକୁ ଜନସାଧାରଣରେ ପ୍ରଶଂସା କରାଯାଇଛି ।



ଯୋଗୀ ଗଣେଶ୍ୱର

# ସଂକଟ ତାରଣ ପ୍ରଭୁ ଶ୍ରୀରାମ

ଜୀବଜଗତ ସୃଷ୍ଟି ପାଇଁ ସତ୍ୟଯୁଗରେ ଭଗବାନବିଷ୍ଣୁ ସୂକ୍ଷ୍ମଭାବରେ ଯେତିକି ଉଦ୍ୟମ କରିଛନ୍ତି ସ୍ଥୁଳରୂପରେ ସେତିକି ଲହୁଲୁହାଣ ହୋଇଛନ୍ତି । ଆସୁରୀକ ପ୍ରବୃତ୍ତିର ଦମନ ନିମନ୍ତେ ପ୍ରଭୁ ବାରମ୍ବାର ସ୍ଥୁଳରୂପ ଧାରଣ କରିଛନ୍ତି । ଦଶଅବତାର ବର୍ଣ୍ଣନା ଅନୁସାରେ ବିଷ୍ଣୁଙ୍କର ମତ୍ସ୍ୟ, କଛପ ଅବତାର ବ୍ରହ୍ମାଣ୍ଡର ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟଥିଲା । ପ୍ରବଳପରାକ୍ରମୀ ଅସୁର ହିରଣ୍ୟାକ୍ଷ ହିରଣ୍ୟକଶିପୁ ଦୁଇଭ୍ରାତାଙ୍କ ନିଧନ ନିମନ୍ତେ ବରାହ ଓ ନୃସିଂହ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ। ଏହାପରେ ଦୈତ୍ୟରାଜ ବିରୋଚନଙ୍କ ପୁତ୍ର ବଳିଙ୍କ ଦର୍ପଚୂର୍ଣ୍ଣ ଉଦ୍ଦେଶ୍ୟରେ ପ୍ରଭୁ ବାମନରୂପ ଧାରଣ କରିଥିଲେ। ସତର ଲକ୍ଷ ଅଠେଇଶ ହଜାର ମାନବବର୍ଷ ପରେ ସତ୍ୟଯୁଗ ସମାପ୍ତ ହେଲା। ସତ୍ୟଯୁଗରେ ବିଷ୍ଣୁ ପାଞ୍ଚଥର ଅବତାର ଗ୍ରହଣ କରିଛନ୍ତି। ଯୁଗବେଭାର ଅନୁଯାଇ ତ୍ରେତାଯୁଗ ଆରମ୍ଭ ହେଲା। କ୍ଷତ୍ରିୟମାନେ ପରାକ୍ରମ ଦେଖାଇ ସାରା ବିଶ୍ୱକୁ ଅକ୍ତିୟାର କଲେ। ସାଧାରଣପ୍ରଜାଙ୍କୁ ଶୋଷଣ କଷଣ ଦେଇ ରାଜା ବୋଲାଇଲେ। ବିଷ୍ଣୁଙ୍କ ବେଦନୀତିକୁ ଭୃକ୍ଷେପ ନ କରି ନିଜ ଇଚ୍ଛାମତେ ଶାସନ କଲେ। କ୍ଷତ୍ରିୟରାଜାଙ୍କ ଦର୍ପଚୂର୍ଣ୍ଣ ନିମନ୍ତେ ପ୍ରଭୁ ଭୃଗୁପତି ପର୍ଶୁରାମ ଅବତାର ଧାରଣ କରିଥିଲେ। କ୍ଷତ୍ରିୟମାନଙ୍କ ନିଧନ ପରେ ପୃଥ୍ୱୀ ଶାନ୍ତ ହେଲା। ଏହାର ସହସ୍ରବର୍ଷ ପରେ ବିଶ୍ରବାଋଷିଙ୍କ ଔରସରୁ ରାବଣ ଜନ୍ମ ହେଲେ। ରାବଣ ବିଷ୍ଣୁଦ୍ରୋହି ଅସୁର ସ୍ୱଭାବର ଥିଲେ। ଶିବ ଓ ବିଷ୍ଣୁଙ୍କୁ ଭିନ୍ନଦୃଷ୍ଟିରେ ଦେଖୁଥିଲେ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ପ୍ରବେଶ କରି ବିଷ୍ଣୁଭକ୍ତମାନଙ୍କୁ ବଧ କରୁଥିଲେ। ଦେବଗଣଙ୍କ ଆର୍ତ୍ତଡାକ ଶ୍ରବଣ କରି ବିଷ୍ଣୁ ଶ୍ରୀରାମରୂପ ଧାରଣ କଲେ। ସପ୍ତମରେ ପ୍ରଭୁଙ୍କର ପୂର୍ଣ୍ଣାଙ୍ଗ ମାନବରୂପ ଅତିମାର୍ମିକ ଧନୁର୍ଦ୍ଧର ଶ୍ରୀରାମ ଅବତାର ମାନବ ଜାତିର ନମସ୍ୟ । ଲୀଳାଛଳରେ ରାବଣ ସହିତେ ଅନୁଗତମାନଙ୍କୁ ବିନାଶ କରି ଶ୍ରୀରାମ ପୁନଃର୍ବାର ଶାନ୍ତିମୈତ୍ରୀ ଫେରାଇ ଆଣିଲେ। ଜଗତଜନଙ୍କୁ ପୁରୁଷାର୍ଥ ଦୀକ୍ଷାଦେଇ ପୁରୁଷୋତ୍ତମ ଶ୍ରୀରାମ ନାମରେ ଖ୍ୟାତହେଲେ। ଏହିକାଳରେ ଶ୍ରୀରାମଙ୍କ କୃପାଲାଭ ପାଇଁ ଚରିତ୍ରମାନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ପ୍ରତିଯୋଗିତାମୂଳକ ଦୌଡ଼ । ପ୍ରଭୁଙ୍କ ସାନ୍ନିଧ ନିମନ୍ତେ ଭିନ୍ନଭିନ୍ନ ଚରିତ୍ରଙ୍କ ମଧ୍ୟରେ ଯେଉଁ ସଦ୍‌ଗୁଣ ପ୍ରକାଶ ପାଇଲା ତାହା କଳିଯୁଗର ମନୁଷ୍ୟଙ୍କ ଅନୁସରଣୀୟ । ମୋକ୍ଷଦାତା ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଜିଦ୍‌ଖୋର ମନୋଭାବ, ସେବା, ପ୍ରତୀକ୍ଷା, ତ୍ୟାଗ, ସମର୍ପଣ, ବିଶ୍ୱାସ, ବ୍ୟାକୁଳତା, ନାମଜପ, ଧୈର୍ଯ୍ୟ, ମିତ୍ରତା, ସଦାଚାର ଓ



ଆକୁଳନିବେଦନର ଆବଶ୍ୟକତା ରହିଛି । ଏସବୁ ଭକ୍ତିର ଆଧାରକୁ ପାଥେୟ କରି ତ୍ରେତାର ଚରିତ୍ରମାନେ ଅନ୍ତିମ ପର୍ଯ୍ୟାୟରେ ଶ୍ରୀରାମଙ୍କ କରୁଣାର ପାତ୍ର ହୋଇପାରିଛନ୍ତି ।

**ଜିଦ୍‌ଖୋର:** ପ୍ରଥମ ଚରିତ୍ର ଲଙ୍କାର ରାଜା ରାବଣ ଯିଏ ଶ୍ରୀରାମଙ୍କ କୃପାଲାଭ ନିମନ୍ତେ ନିଜ ଜିଦ୍‌ରେ ଅଟଳଥିଲେ। ରାବଣ ଋଷିପୁତ୍ର ହୋଇଥିଲେ ମଧ୍ୟ ଉପଦ୍ରବ ଭିଆଇ ଅବତାର ଗ୍ରହଣ କରିବା ପାଇଁ ବିଷ୍ଣୁଙ୍କୁ ବାଧ କରିଥିଲେ । ତ୍ରେତାଯୁଗର ବିଷ୍ଣୁପ୍ରେମୀଙ୍କୁ ମୋକ୍ଷପ୍ରଦାନ କରିବା, ଅସୁରକୁଳକୁ ସଂହାର କରି ସତ୍ୟର ପୁନଃପ୍ରତିଷ୍ଠା ଦିଗରେ ମହାନ୍ ସଙ୍ଗୀତଜ୍ଞ ତଥା ପରମ ଶିବଭକ୍ତ ରାବଣ ହିଁ ଶ୍ରୀରାମ ଅବତାର ପାଇଁ ବିଷ୍ଣୁଙ୍କୁ ଆହ୍ୱାନ କରିଥିଲେ । ପ୍ରତୀକ୍ଷା ଯେତିକି ବିଳମ୍ବ ହେଉଥିଲା ରାବଣ ସେତିକି ଉଦଣ୍ଡ ହୋଇ ପ୍ରଗଳଭ୍ ହୋଇପଡୁଥିଲେ । ଶେଷରେ ରାମ ଆସିଲେ, ଅଯୋଧ୍ୟାରେ ଜନ୍ମ ନେଇ ଯୁବକ ହେଲେ । ତଥାପି ରାମରସାୟନ ଅପେକ୍ଷାରେ ଥିବା ପ୍ରାଣୀମାନଙ୍କୁ ଦିବ୍ୟଦର୍ଶନ ଦେଉନାହାନ୍ତି କାହିଁକି ? ରାବଣ ଭକ୍ତିରେ କୋହଉଠାଇ କାନ୍ଦି ପକାଇଲେ । ଭଉଣୀ ସୁପର୍ଣଖା ଭାଇଙ୍କୁ ବୋଧଦେଇ କହିଲେ ବ୍ୟସ୍ତହୁଅନା ଭାଇ, ମୁଁ ଦରିଆ ପାରହୋଇ ପଞ୍ଚବଟୀବନରେ ପ୍ରତୀକ୍ଷା କରିବି । ଦୁଷ୍ଟ ସଂହାର ଓ ସାଧୁମାନଙ୍କ ପରିତ୍ରାଣ ନିମନ୍ତେ ଶ୍ରୀରାମ ସେଠାକୁ ଆସିବେ । ବନ୍ଧୁ ଭାବରେ ହେଉ ଅଥବା ଶତ୍ରୁଭାବରେ ଯେମିତି ହେଲେ ବି ଶ୍ରୀରାମଙ୍କ ସାନ୍ନିଧ ପ୍ରାପ୍ତିର ବାଟ ମୁଁ କରିବି । ତୁମେ ନିଶ୍ଚିନ୍ତ ରୁହ । ତାହା ହିଁ ହେଲା । ଶ୍ରୀରାମଙ୍କ ଦର୍ଶନ ପାଇଁ ବ୍ୟାକୁଳିତ ରାବଣ ଉଦ୍‌ଭ୍ରାନ୍ତ ଆଚରଣରେ ଶ୍ରୀରାମଙ୍କ ସହିତ ଶତ୍ରୁତା ସୃଷ୍ଟିକଲେ ଓ ଅନ୍ତିମ ସମୟରେ ରାମ ରାବଣ ଯୁଦ୍ଧରେ ରାମଙ୍କ ଧନୁର୍ବାଣରେ ଧରାଶାୟୀ ହୋଇ ଦିବ୍ୟଦର୍ଶନ ପୂର୍ବକ ମୋକ୍ଷପ୍ରାପ୍ତ ହେଲେ ।



**ନାମଜପ:** ଦସ୍ୟୁରତ୍ନାକର ପଥଚାରୀଙ୍କୁ ହତ୍ୟାକରି ଲୁଣ୍ଠନ କରୁଥିଲେ। ନରହତ୍ୟା ପାପଭାରାରେ ତାଙ୍କ ଶରୀର ଦିନୁଦିନ ଖୀନ୍ନହେବାକୁ ଲାଗିଲା। ମାତ୍ର ଅନୁତାପ ନଥିଲା। ରତ୍ନାକର ଜଣେ ସାଧୁ ବାଟୋଇଙ୍କୁ ହତ୍ୟା ପାଇଁ ଉଦ୍ୟତ ହୁଅନ୍ତେ ସାଧୁ ଚେତାଇ ଦେଲେ। ପାପର ଫଳ ଜନ୍ମଜନ୍ମାନ୍ତରେ ଭୋଗକରିବ। ପାପମୋଚନ ପାଇଁ କେବଳ ରାମ ନାମ ଜପକର। ଅନୁତାପର ଅଶ୍ରୁଢ଼ାଳି ଦସ୍ୟୁ ଏତେ ଦ୍ରୁତଗତିରେ ରାମ ନାମ ଜପକଲେ ଯେ ରାମ ଶବ୍ଦ 'ମରା' ଉଚ୍ଚାରଣ ଶୁଭିଲା । ନାମଜପ ଦ୍ୱାରା ତାଙ୍କର ସମସ୍ତ ପାପମୋଚନ ହେଲା। ପରବର୍ତ୍ତୀକାଳରେ ସେହି ବ୍ୟାକୁଳିତ ଚିତ୍‌ସତ୍ତା ମହର୍ଷିବାଲ୍ମିକୀ ପାଲଟିଗଲେ । ଶ୍ରୀରାମଙ୍କ ଦିବ୍ୟଚରିତ ବ୍ୟାଖ୍ୟାନ କରି ରାମାୟଣଗ୍ରନ୍ଥ ରଚନା କଲେ। ଦସ୍ୟୁରତ୍ନାକର ମାନବସମାଜର ପୂଜ୍ୟପାତ୍ର ହୋଇଗଲେ ।

**ତ୍ୟାଗ:** ଭ୍ରାତୃପ୍ରେମରେ ଉଦ୍‌ବୁଦ୍ଧ ଲକ୍ଷ୍ମଣ । ଚଉଦବର୍ଷ ନିଜ ଜୀବନକୁ ତିଳତିଳ ଦଗ୍ଧକରି ଭାଇ ଭାଉଜଙ୍କ ସେବାରେ ବ୍ରତୀରହିଲେ । ରାଜପ୍ରାସାଦ, ସୁନ୍ଦରୀପତ୍ନୀ, ଭୋଗ ବିଳାସ, ନିଦ୍ରା, ସ୍ୱାଦିଷ୍ଟ ବ୍ୟଞ୍ଜନ ତ୍ୟାଗକରି ଶ୍ରୀରାମଙ୍କ ପଦସେବାରେ ନିୟୋଜିତ ହେଲେ । ଶ୍ରୀରାମଙ୍କ ନିର୍ଦ୍ଦେଶ ପାଳନ କରିବାରେ ଲକ୍ଷ୍ମଣ ଧୁରନ୍ଧରଥିଲେ। ଫଳସ୍ୱରୂପ ଯୁଗ ଯୁଗଧରି ମାତାସୀତା ଓ ଶ୍ରୀରାମଙ୍କ ସହିତେ ଲକ୍ଷ୍ମଣ ପୂଜାପାଇଲେ।

**ଧୈର୍ଯ୍ୟ:** ଅଶିକ୍ଷିତା ଭିଲ୍ କନ୍ୟା ଶବରୀ। ସାଂପ୍ରଦାୟିକ ଯୁଦ୍ଧରେ ପିତାମାତା ମୃତ୍ୟୁମୁଖରେ ପଡ଼ିଲେ। ନବାଳିକା ବୟସରେ ବେସାହାରା ହୋଇ ବଣରେ ବୁଲୁଥିଲେ। କଣ୍ୱମୁନିଙ୍କ ପରାମର୍ଶରେ ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ପତ୍ରକୁଡ଼ିଆରେ ପ୍ରତୀକ୍ଷା କଲେ। ସକାଳପାହିଲେ ଜଙ୍ଗଲରୁ ସୁସ୍ୱାଦୁ ଫଳ, ସୁନ୍ଦରଫୁଲ ସଂଗ୍ରହ କରି ଶ୍ରୀରାମଙ୍କୁ ଅର୍ପଣ ପାଇଁ ଚାହିଁ ବସୁଥିଲେ। ନାବାଳିକାରୁ ବୁଢ଼ି ହୋଇଗଲେ । ଧୈର୍ଯ୍ୟ ଓ ବିଶ୍ୱାସରେ ସାମାନ୍ୟ ମାତ୍ର ମଳିନତା ନଥିଲା । ଶେଷରେ ଶ୍ରୀରାମ ପତ୍ରକୁଡ଼ିଆରେ ଶବରୀଙ୍କୁ ଦର୍ଶନ ଦେଲେ। ଶବରୀଙ୍କ ଭକ୍ତି ଉନ୍ମାଦନା ଦେଖି ପ୍ରଭୁ ସନ୍ତୋଷ ହେଲେ। ଫଳ ମିଠା କି ଖଟା ଚାଖି ଦେଉଥିବା ଶବରୀ ହସ୍ତରୁ ମିଷ୍ଟଫଳ ଖାଇଲେ। ଶ୍ରୀରାମଙ୍କ ହସ୍ତସ୍ପର୍ଶରେ ଶବରୀ ମୋକ୍ଷପ୍ରାପ୍ତ ହେଲେ ।

**ସମର୍ପଣ:** ଶ୍ରୀରାମଙ୍କ ପ୍ରତି ବିଭୀଷଣଙ୍କର ଚୋରାପ୍ରେମ ତାଙ୍କୁ ଅମର କରିଦେଇଛି । ଲଙ୍କାର ରାଜା ଓ ପ୍ରଜା ସମସ୍ତଙ୍କର ରାମଙ୍କ ପ୍ରତି ଶତ୍ରୁଭାବ ଥିବାବେଳେ ବିଭୀଷଣ ପ୍ରଭୁ ଶ୍ରୀରାମଙ୍କୁ ଝୁରିଝୁରି ରାତ୍ରଅଧରେ ଚକ୍ଷୁରୁ ଲୋତକ ଝରାଉଥିଲେ । ନିଜ ବାସଭବନରେ ଶ୍ରୀରାମଙ୍କ ଚିତ୍ରଆଙ୍କି ସମର୍ପିତ ପ୍ରାଣରେ ପୁନଃପୁନଃ ପ୍ରଣାମ ଜଣାଉଥିଲେ। ସୀତାମାତାଙ୍କ ଅପହରଣ ତାଙ୍କୁ ବିଶେଷ ଦୁଃଖଦେଉଥିଲା। ଶେଷରେ ଲଙ୍କା ତ୍ୟାଗକରି ଶ୍ରୀରାମଙ୍କ ଶରଣ ନେଲେ। କେଉଁ ଅସ୍ତ୍ରରେ ରାବଣ ନିହତହେବ ଶ୍ରୀରାମଙ୍କୁ ଉପାୟ କହିଦେଲେ। ଆକୁଳ ନିବେଦନରେ ପ୍ରଭୁଙ୍କ ପଦବନ୍ଦନା କରି ଧନ୍ୟ ହୋଇଗଲେ ।

**ମିତ୍ରତା:** କିସ୍କିନ୍ଧା ଅରଣ୍ୟର ବାନରଙ୍କ ରାଜାଥିଲେ ସୁଗ୍ରୀବ। ବଡ଼ଭାଇ ବାଳୀ ହିଂସାଯୁଦ୍ଧରେ ସୁଗ୍ରୀବଙ୍କ ରାଜ୍ୟ ଓ ପତ୍ନୀଙ୍କୁ ହରଣ କରି ରାଜା ବୋଲାଇଲେ। ବାଳୀଙ୍କୁ ବଧକରିବା ଅସମ୍ଭବ ହୋଇପଡ଼ିଲା। ସୁଗ୍ରୀବ ଶ୍ରୀରାମଙ୍କ ସହିତ ମିତ୍ରତା କରି ବାଳୀକୁ ନିହତ କଲେ। ହରାଇଥିବା ରାଜ୍ୟ ଓ ପତ୍ନୀଙ୍କୁ ପୁନଃପ୍ରାପ୍ତ ହେଲେ । ଯେଉଁ ମନୁଷ୍ୟ ସତ୍‌ଆଚରଣରେ ଶ୍ରୀରାମଙ୍କ ସହିତ ମିତ୍ରତା କରି ରାମରାଜ୍ୟ ନିର୍ମାଣରେ ବ୍ରତୀରହନ୍ତି ସେମାନେ ଅବଶ୍ୟ କୃପାରପାତ୍ର ହୋଇଥାନ୍ତି।

**ସେବା:** ସେବା ଓ ଭକ୍ତିର ପ୍ରତୀକ ହନୁମାନ। ଶ୍ରୀରାମଙ୍କ ସେବାରେ ଏପରି ମଜ୍ଜିଗଲେଯେ ମହାବଳୀୟାନ ହୋଇଗଲେ।



ରାମଙ୍କ କାର୍ଯ୍ୟରେ ନିୟୋଜିତ ହନୁମାନ ଅମର ହୋଇଗଲେ । ହନୁମାନ ଶ୍ରୀରାମଙ୍କର ବ୍ୟକ୍ତିଗତ ସହାୟକଥିଲେ । ପ୍ରଜାବତ୍ସଳ ରାମ ମାନବଜଗତ ନିମନ୍ତେ ଯେଉଁ କର୍ମ କରନ୍ତି ସେ ତାହା ତୁଲାଉଥିଲେ । ଦୁଷ୍ଟଙ୍କୁ ସଂହାର ଓ ସାଧୁସ୍ୱଭାବର ମନୁଷ୍ୟଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ଶ୍ରୀରାମ ବିଷ୍ଣୁପୁରକୁ ପ୍ରତ୍ୟାବର୍ତ୍ତନ କାଳରେ ହନୁମାନଙ୍କୁ ଜଗତର ଦାୟିତ୍ୱ ସମ୍ଭାଳିବା ନିମନ୍ତେ କହିଯାଇଥିଲେ। ତଦନୁଯାଇ ଚାରିଯୁଗରେ ଅମର ମହାବୀରହନୁମାନ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟ ଏବେ ବି ତୁଲାଉଛନ୍ତି ।

**ଶାପମୁକ୍ତି :** ଗୌତମଋଷିଙ୍କ ପତ୍ନୀ ପତିବ୍ରତା ଅହଲ୍ୟା। ଅହଲ୍ୟାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ଇନ୍ଦ୍ର ଜାଲବିଛାଇଲେ। ଦିନେ ଗୌତମ ନଦୀକୁ ସ୍ନାନକରିବା ପାଇଁ ଯାଇଥିବା ବେଳେ ଇନ୍ଦ୍ର ଗୌତମଙ୍କ ବେଶଧରି ରତି ନିବେଦନ କଲେ। ସ୍ୱାମୀଙ୍କ ଇଚ୍ଛାପୂରଣ ନିମନ୍ତେ ଅହଲ୍ୟା ଦେହଦାନ କଲେ। ଗୌତମ ଆଶ୍ରମରେ ପହଞ୍ଚି ଘଟଣା ସଂପର୍କରେ ଅବଗତ ହେଲେ। କ୍ରୋଧିତ ହୋଇ ଅହଲ୍ୟାଙ୍କୁ ଅଭିଶାପ ଦେଲେ। ନିର୍ଦ୍ଦୋଷୀ ଅହଲ୍ୟା ପାଷାଣ ପାଲଟିଗଲେ। ପାଷାଣ ଶରୀର ଭିତରୁ ଆତ୍ମା ଶ୍ରୀରାମଙ୍କୁ ଡାକଛାଡ଼ିଲେ। ପ୍ରଭୁ ଶ୍ରୀରାମ ଅହଲ୍ୟାଙ୍କ ଆର୍ତ୍ତଡାକ ଶ୍ରବଣ କଲେ। ନିଷ୍ପାପ ପାଷାଣ ଶରୀର ନିକଟରେ ପହଞ୍ଚିଲେ। ଦକ୍ଷିଣପାଦର ବୃଦ୍ଧାଙ୍ଗୁଳି ସ୍ପର୍ଶ ମାତ୍ରେ ଅହଲ୍ୟା ପୂର୍ବଶରୀର ଫେରିପାଇଲେ।

ସୁତରାଂ ଉପରୋକ୍ତ ଭକ୍ତିଗୁଣର ଅଧିକାରୀ ହୋଇପାରିଲେ ଭଗବାନଶ୍ରୀରାମଙ୍କ କୃପା ଅବଶ୍ୟ ମିଳିବ । ପ୍ରତ୍ୟେକ ମାନବ ରାମରାଜ୍ୟ ପ୍ରତିଷ୍ଠା ଦିଗରେ ଯଥାସମ୍ଭବ ଉଦ୍ୟମରତ ହେବା ଆବଶ୍ୟକ। ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତାଙ୍କୁ ଭଲପାଇବା । କାହାରି ବସା ଭାଙ୍ଗିବା ନାହିଁ । କାହାରି ଦାନାରେ ଧୂଳି ପକାଇବା ନାହିଁ । ଅନ୍ୟର ଧନ ହରଣ କରିବା ନାହିଁ। ସଦାସର୍ବଦା



ଅହିଂସା ଆଚରଣରେ ବ୍ରତୀରହିବା । ଦୁଷ୍ଟାମି,



ଅନ୍ୟାୟ ଅନୀତିକୁ ବିରୋଧ କରିବା । କାମ, କ୍ରୋଧ, ଲୋଭ, ମୋହକୁ ସଂଯତ କରି ଦୈନନ୍ଦିନ ଜୀବନରେ ଅସହାୟପ୍ରାଣୀଙ୍କୁ ସହାୟତା କରିବା । କାହାରିକୁ ଦୁଃଖ ନଦେଇ ଆନନ୍ଦ ପ୍ରଦାନ କରିବା । ଶ୍ରୀରାମଙ୍କ କୃପା ଲାଭ ପାଇଁ ପବିତ୍ର ଶ୍ରୀରାମନବମୀରେ ଏହା ହିଁ ହେଉ ଶପଥ । ଜୟ ଶ୍ରୀରାମ ।

*ମିଶନ ଭାଗବତ*
*ଦୂରଭାଷ-୯୬୬୮୬୩୧୨୫୭*

### ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ଧାର୍ଯ୍ୟକଲା ପ୍ରଶାସନ

# ଅଧିକ ଦର ନେଲେ କଠୋର କାର୍ଯ୍ୟାନୁଷ୍ଠାନ

**କଟକ :** କୋଭିଡ୍-୧୯(କରୋନା) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଜାରି କରିଛନ୍ତି। ଯାହାଦ୍ୱାରା ଏହି ପ୍ରାଣଘାତି ରୋଗ କାୟାବିସ୍ତାର କରିପାରିବ ନାହିଁ। ଫଳରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବିଭିନ୍ନ ଦପ୍ତରଗୁଡ଼ିକୁ ମଧ୍ୟ ତାଲାବନ୍ଦ କରାଯାଇଛି। କେବଳ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଆବଶ୍ୟକତା ମିଳୁଥିବା ବ୍ୟବସାୟଗୁଡ଼ିକୁ ଏହି ତାଲାବନ୍ଦରୁ ବାତିଲ୍ କରାଯାଇଛି। ଯାହାଦ୍ୱାରା ଜନସାଧାରଣ ଲକ୍‌ଡାଉନ ସମୟରେ ବି ଖାଇପିଇ ବଞ୍ଚିପାରିବେ ଏବଂ ଚଳିପାରିବେ। ସେଥି ପାଇଁ ରାସନ ଆଦି ସାମଗ୍ରୀ ବିକ୍ରି ହେଉଥିବା ବ୍ୟବସାୟିକ ପ୍ରତିଷ୍ଠାନ ସମେତ ଔଷଧ, କ୍ଷୀର, ମାଛ, ମାଂସ, ଅଣ୍ଡା ଆଦି ଦୋକାନ ଖୋଲାଯିବାକୁ ଅନୁମତି ଦିଆଯାଇଛି। ମାତ୍ର କିଛି ଅସାଧୁ ବ୍ୟବସାୟୀ ଏହାର ଫାଇଦା ଉଠାଇବାକୁ ଯାଇ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଚଢ଼ା ଦର ନେଉଥିବା ପ୍ରଶାସନ ନିକଟରେ ଖବର ମିଳିଛି। ଏଥି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଣ ବିଭାଗ ନେତୃତ୍ୱରେ ବିଭିନ୍ନ ଟିମ୍ ବିଭିନ୍ନ ଅଞ୍ଚଳରେ ବୁଲି ମାର୍କେଟ୍ ସର୍ଭେ କରୁଛନ୍ତି। ତେବେ ଯେଉଁଠାରେ ବ୍ୟବସାୟୀମାନେ ଗ୍ରାହକଙ୍କଠାରୁ ଅଧିକ ଦର ନେଉଥିଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ଚାମ୍ବର ଅଫ୍ କମର୍ସ କର୍ମକର୍ତ୍ତାଙ୍କ ସହ ବସି ଜିଲ୍ଲାରେ ବିକ୍ରି ହେଉଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ନିର୍ଦ୍ଧାରଣ କରିଛନ୍ତି। ଯଦି କୌଣସି ବ୍ୟବସାୟୀ ଏହି ଦରରୁ ସାମାନ୍ୟ ଅଧିକ ମୂଲ୍ୟରେ ବିକ୍ରି କରୁଥାନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ସରକାରୀ ନିର୍ଦ୍ଧାରିତ ଦର ଅନୁଯାୟୀ ସାଧାରଣ ଉଷୁନା ଚାଉଳର ହୋଲ୍‌ସେଲ୍ ଦର କ୍ୱିଣ୍ଟାଲ ପିଛା ୨୩୦୦ରୁ ୨୪୫୦ଟଙ୍କା ରହିଥିବାବେଳେ ଏହାର ଖୁଚୁରା ମୂଲ୍ୟ ୨୫ରୁ ୨୮ଟଙ୍କା ମଧ୍ୟରେ ରହିଛି। ସେହଭଳି ଗ୍ରେଡ୍ ଏ' ଉଷୁନା ଚାଉଳ କ୍ୱିଣ୍ଟାଲ ପିଛା ୨୬୦୦ରୁ ୩୨୦୦ଟଙ୍କା ଥିବାବେଳେ ଏହାର କିଲୋପିଛା ଦର ୩୦ରୁ ୩୬ ଟଙ୍କା ରହିଛି। ସାଧାରଣ ଅରୁଆ ଚାଉଳ କ୍ୱିଣ୍ଟାଲ ପିଛା ୨୧୩୦ରୁ ୨୪୨୦ଟଙ୍କା ଥିବାବେଳେ କିଲୋପିଛା ୨୪ରୁ ୨୮ଟଙ୍କା ରହିଛି। ଏ' ଗ୍ରେଡ୍ ଅରୁଆ ଚାଉଳ କ୍ୱିଣ୍ଟାଲ ପିଛା ୨୬୦୦ରୁ ୩୫୦୦ଟଙ୍କା ଥିବାବେଳେ ଗ୍ରାହକମାନଙ୍କୁ କିଲୋପିଛା ୩୦ରୁ ୪୦ଟଙ୍କା, ଅଟା କ୍ୱିଣ୍ଟାଲ ପିଛା ୨୮୦୦ରୁ ୩୨୦୦ ଟଙ୍କା ଥିବାବେଳେ କିଲୋପିଛା ୩୨ରୁ ୩୬ଟଙ୍କା, ଚକି ଅଟା ୨୯୦୦ରୁ ୩୦୫୦ଟଙ୍କା ଓ କିଲୋପିଛା ୩୪ରୁ ୩୬ ଟଙ୍କା, ଫ୍ଲୋର ମିଲ୍ ଅଟା କ୍ୱିଣ୍ଟାଲ ପିଛା ୨୪୦୦ରୁ ୨୫୦୦ ଟଙ୍କା ଓ କିଲୋପିଛା ୨୮ରୁ ୩୦ଟଙ୍କା, ମଇଦା କ୍ୱିଣ୍ଟାଲ ପିଛା ୨୪୦୦ରୁ ୨୭୫୦ଟଙ୍କା ରହିଥିବାବେଳେ କିଲୋପିଛା ୨୮ରୁ ୩୦ଟଙ୍କା, ସୁଜି କ୍ୱିଣ୍ଟାଲ ପିଛା ୨୫୦୦ରୁ ୩୦୫୦ଟଙ୍କା ଥିବାବେଳେ କିଲୋପିଛା ୩୦ରୁ ୩୫ଟଙ୍କା, ମୁଗ ଡାଲି ୯ହଜାରରୁ ୯ହଜାର ୮୦୦ଟଙ୍କା ଏବଂ କିଲୋପିଛା ୯୪ରୁ ୧୦୨ଟଙ୍କା, ବିରିଡାଲି କ୍ୱିଣ୍ଟାଲ ପିଛା ୭୮୦୦ରୁ ୮୬୦୦ଟଙ୍କା ଥିବାବେଳେ କିଲୋପିଛା ୮୪ରୁ ୯୦ଟଙ୍କାରେ ବିକ୍ରି ହେବ। ସେହିଭଳି ହରଡ଼ ଡାଲି କ୍ୱିଣ୍ଟାଲ ପିଛା ୬୮୦୦ରୁ ୮୫୦୦ଟଙ୍କା ଓ କିଲୋପିଛା ୭୪ରୁ ୯୦ଟଙ୍କା ରହିବ। ମସୁର ଡାଲି କ୍ୱିଣ୍ଟାଲ ପିଛା ୫୪୦୦ରୁ ୬୦୦୦ଟଙ୍କା ଓ କିଲୋପିଛା ୬୦ରୁ ୬୫ଟଙ୍କାରେ ବିକ୍ରି କରାଯିବ। ପୁନଶ୍ଚ ଅନ୍ୟାନ୍ୟ ଗ୍ରୋସରୀ ସାମଗ୍ରୀ ମଧ୍ୟରେ ସୋରିଷ ତେଲ ଲିଟର ପିଛା ୧୦୭ଟଙ୍କା, ବନସ୍ପତି କିଲୋପିଛା ୮୪ଟଙ୍କା, ପାମୋଲିନ ଲିଟର ପିଛା ୯୦ଟଙ୍କା, ସନ୍‌ଫ୍ଲାୱାର ୧୦୬ଟଙ୍କା, ଚିନି ୩୮ଟଙ୍କା, ଆୟୋଡିନଯୁକ୍ତ ଖୋଲା ଲୁଣ କିଲୋପିଛା ୬ଟଙ୍କା, ପ୍ୟାକେଟ୍ କିଲୋପିଛା ୧୯ଟଙ୍କା, ଖୋଲା ଚା' ୨୦୦ରୁ ୨୨୦ଟଙ୍କା, ଟାଟା ଚା' ୨୫୦ଗ୍ରାମ୍‌କୁ ୧୪୫ଟଙ୍କା, କ୍ଷୀର ଲିଟର ପିଛା ୪୬ଟଙ୍କା, ବୁଟ କିଲୋପିଛା ୫୦ଟଙ୍କା, ବିରି ୬୮, ମୁଗ କିଲୋପିଛା ୬୫ଟଙ୍କା, ମଟର କିଲୋପିଛା ୬୫ଟଙ୍କା ଦର ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ତେବେ ଜିଲ୍ଲାର ଯେ କୌଣସିଠାରେ ଏହି ଦରଠାରୁ ଅଧିକ ଦରରେ ବିକ୍ରି କରୁଥିଲେ ସେଥିପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।






# କୋଭିଡ୍-୧୯ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଚୁକ୍ତିନାମା



**ଭୁବନେଶ୍ୱର :** ଓଡ଼ିଶାରେ କୋଭିଡ-୧୯ର ସଫଳ ମୁକାବିଲା ଉଦ୍ଦେଶ୍ୟରେ ରାଜ୍ୟ ସରକାର, ଓଡ଼ିଶା ଖଣି ନିଗମ ଏବଂ କିମ୍ସ ମଧ୍ୟରେ ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ହୋଇଯାଇଛି। କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ବ୍ୟକ୍ତିଗତ ଉଦ୍ୟମରେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରାଜ୍ୟର ପ୍ରଥମ ଜିଲ୍ଲାସ୍ତରୀୟ କୋଭିଡ୍ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ କିମ୍ସ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଏକ ଚୁକ୍ତିନାମା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସାଂସଦ ଡଃ. ସାମନ୍ତଙ୍କ ଉପସ୍ଥିତିରେ କିମ୍ସ ତରଫରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ଏବଂ ଜିଲ୍ଲାପାଳ ଡା. ବୃନ୍ଦା ଡି ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ୧୫୦ଟି ଶଯ୍ୟା ଏବଂ ୧୦ଟି ଆଇସିୟୁ ବିଶିଷ୍ଟ ଏହି କୋଭିଡ ଚିକିତ୍ସାଳୟ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ପୂର୍ବରୁ ସାଂସଦ ଡଃ. ସାମନ୍ତ, ଜିଲ୍ଲାପାଳ ଡା. ବୃନ୍ଦା ଡି, କିମ୍ସର ସିଇଓ ଶ୍ରୀ ପାଣିଗ୍ରାହୀ ପ୍ରମୁଖ କୋଭିଡ୍ ଚିକିତ୍ସାଳୟର ଭିତ୍ତିଭୂମି ତଦାରଖ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ, ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବିଶ ଅଧିକାରୀ ଡା. ଶୁଭଙ୍କର ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଦେବେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାରଳାଖେମୁଣ୍ଡି ଉପକଣ୍ଠରେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଥିବା କୋଭିଡ୍-୧୯ ସ୍ୱତନ୍ତ୍ର ଚିକିତ୍ସାଳୟ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଜିଲ୍ଲା ପ୍ରଶାସନ ସହ ହାଇଟେକ ଗ୍ରୁପ ମଧ୍ୟରେ ହୋଇଥିବା ଜଣାପଡିଛି । ଜିଲ୍ଲାପାଳ ଅନୁପମ ସାହା ଏହି ଚୁକ୍ତିନାମା କରିବା ସହ ଖୁବ୍ଶୀଘ୍ର ସହର ଉପକଣ୍ଠସ୍ଥ ରାଜସୀତାପୁର ଠାରେ ଏକ କୋଭିଡ-୧୯ ସ୍ୱତନ୍ତ୍ର ଚିକିତ୍ସାଳୟ ଖୋଲାଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ହାଇଟେକ ଗ୍ରୁପ ପକ୍ଷରୁ ଚିଫ୍ ଅପରେଟିଂ ଅଫିସର ଜ୍ୟୋତିରଞ୍ଜନ ପଣ୍ଡା, ଇଂ.ଏମ୍. ରାମାରାଓ, ପ୍ରଶାସକ ସତ୍ୟବ୍ରତ ସ୍ୱାଇଁ, ନିର୍ଦ୍ଦେଶକ ଅଶୋକ ପାଣିଗ୍ରାହୀ ଓ ପ୍ରସାଦ ପାଣିଗ୍ରାହୀଙ୍କ ସମେତ ହାଇଟେକ ଗ୍ରୁପର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତଥିଲେ । ଏହି ଚିକିତ୍ସାଳୟ ୩ରୁ୪ଦିନ ମଧ୍ୟରେ ଆରମ୍ଭ ହୋଇ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ହାଇଟେକ ଗ୍ରୁପ ପକ୍ଷରୁ କୁହାଯାଇଛି ।

## କରୋନା ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ସୁରକ୍ଷା ଦିଅ

**କଟକ :** କରୋନା ଭୂତାଣୁ ସଂକ୍ରମଣକୁ ନେଇ ଦେଖା ଦେଇଥିବା ପରିସ୍ଥିତିରେ କାର୍ଯ୍ୟରତ ସମସ୍ତ ଡାକ୍ତର, ନର୍ସ, ପାରାମେଡିକାଲ୍ ଷ୍ଟାଫ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବାର୍‌ର ପୂର୍ବତନ ସମ୍ପାଦକ ତଥା ଆଇନଜୀବୀ ବିଜୟ କୁମାର ରଗଡ଼ଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ବିଚାରପତି ସି.ଆର.ଦାଶ ଓ ବିଚାରପତି ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଇକୋର୍ଟ ଏହି ମାମଲାରେ ଆବଶ୍ୟକୀୟ ଔଷଧପତ୍ର ଓ ଚିକିତ୍ସା ସୁବିଧା ଏବଂ ଚିକିତ୍ସା ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ଅଦାଲତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱରା ନିର୍ଦ୍ଧାରିତ ନିୟମ ଅନୁସାରେ ସୁରକ୍ଷା ସରଞ୍ଜାମ ପାଇଁ କି କି ବ୍ୟବସ୍ଥା କରାଯାଇଛି ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ କରୋନା ଭୂତାଣୁ ସଂକ୍ରମିତ ରୋଗୀଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖିବା ସହିତ ଚିକିତ୍ସା ଯୋଗାଇ ଦେବା ପାଇଁ ତିନୋଟି ଘରୋଇ ସଂସ୍ଥା ସହିତ ବୁଝାମଣା ସ୍ୱାକ୍ଷର ହୋଇଛି। ତେବେ ଏହି ମାମଲାରେ ଘରୋଇ ହସ୍ପିଟାଲଗୁଡ଼ିକ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ନେଇ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ କୁହାଯାଇଛି। ସୂଚନା ଥାଉକି କରୋନା ଭୂତାଣୁ ସଂକ୍ରମଣକୁ ନେଇ ଦେଖାଦେଇଥିବା ପରିସ୍ଥିତିରେ ଆବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ପୂର୍ବରୁ ଗୁରୁତ୍ୱାରୋପ କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱରା ନିର୍ଦ୍ଧାରିତ ନିୟମ ଅନୁସାରେ ସୁରକ୍ଷା ସରଞ୍ଜାମ ପାଇଁ କ'ଣ



ଅର୍ଥ ବ୍ୟବସ୍ଥା କରାଯାଇଛି ସେ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଥିଲେ। କୋଭିଡ୍-୧୯ ସଂକ୍ରମିତ ରୋଗୀଙ୍କ ଚିକିତ୍ସା କରୁଥିବା ଡାକ୍ତର, ନର୍ସଙ୍କୁ ସୁରକ୍ଷା ଦୃଷ୍ଟିରୁ ପ୍ରଦାନ କରାଯାଉଥିବା ସାନିଟାରି ଗ୍ଲୋଭ୍ସ, ସାନିଟାରି ମାସ୍କ, ସାନିଟାଇଜର ପାଇଁ କେତେ ଅର୍ଥ ବ୍ୟବସ୍ଥା କରାଯାଇଛି ସେ ନେଇ ହାଇକୋର୍ଟରେ ଜବାବ ଦାଖଲ କରିବାକୁ କହିଥିଲେ। ସେହିଭଳି ଭାବେ ରାଜ୍ୟର ସରକାରୀ ଓ ଘରୋଇ ମେଡିକାଲରେ ଡାକ୍ତର ଓ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଅନ୍ୟ କର୍ମଚାରୀଙ୍କୁ ସାନିଟାରି ଗ୍ଲୋଭ୍ସ, ମାସ୍କ, ସାନିଟାଇଜର ଭଳି ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା ପାଇଁ କେତେ ଅର୍ଥ ବରାଦ କରାଯାଇଛି ସେ ନେଇ ସରକାର ଜବାବରେ ସ୍ପଷ୍ଟ କରିବାକୁ କୁହାଯାଇଥିଲା। ଏହି କ୍ଷେତ୍ରରେ ନିୟୋଜିତ ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀଙ୍କ ସବିଶେଷ ତାଲିକା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଦାନ କରାଯାଇଥିବା ଉକ୍ତ ସାମଗ୍ରୀ ସହିତ ସୁରକ୍ଷା ସରଞ୍ଜାମର ବିସ୍ତୃତ ବିବରଣୀ ଦାଖଲ ପାଇଁ ହାଇକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ହସ୍ପିଟାଲକୁ ଏପରି ସରଞ୍ଜାମ ଯୋଗାଇ ଦେବା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସରକାର ଅବଗତ କରିବେ।

# ଗହଳି ହେଲେ ରଦ୍ଦ ହେବ ଲାଇସେନ୍ସ

**ଭୁବନେଶ୍ୱର :** ସଟ୍‌ଡାଉନ୍ ସମୟ ଶେଷ ହେବା ପରେ ସହରରେ ଲକ୍‌ଡାଉନ୍ ଜାରି ରହିବ। ସୋମବାର ଠାରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ପୂର୍ବପରି ଖୋଲିବ। ଏହାସହ ଦୋକାନ ଆଗରେ ଯେପରି ଭିଡ଼ ନ ହେବ ସେଥିପ୍ରତି ଦୋକାନୀ ଧ୍ୟାନ ଦେବେ। ନହେଲେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ପୃକ୍ତ ଦୋକାନୀର ଲାଇସେନ୍ସ ରଦ୍ଦ କରାଯିବ ବୋଲି ପୁଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଶନର ଡ. ଷଡ଼ଙ୍ଗୀ କହିଛନ୍ତି ସଟ୍‌ଡାଉନ୍ ହେଉ କିମ୍ବା ଲକ୍‌ଡାଉନ୍ ହେଉ ସମସ୍ତଙ୍କୁ ସାମାଜିକ ଦୂରତା ରକ୍ଷା କରିବାକୁ ପଡ଼ିବ। ଦୋକାନୀମାନେ ପ୍ରତି ୫ ଫୁଟ ବ୍ୟବଧାନରେ ଗୋଲ ବୁଲାଇ ଗ୍ରାହକମାନଙ୍କୁ ନିର୍ଦ୍ଧାରିତ ସ୍ଥାନରେ ଛିଡ଼ା ହେବାକୁ କହିବେ। ଦୋକାନୀ ନିଜ ତରଫରୁ ଜଣେ ବ୍ୟକ୍ତିଙ୍କୁ ଦୋକାନ ସାମ୍ନାରେ ରଖି ଗ୍ରାହକଙ୍କୁ ସାମାଜିକ ଦୂରତା ରକ୍ଷା କରିବା ନେଇ ପରାମର୍ଶ ଦେବେ। ଦୋକାନୀମାନେ ଏହିଭଳି ନିୟମକୁ ଅନୁଶରଣ ନ କଲେ ଦୋକାନର ଲାଇସେନ୍ସକୁ ବାତିଲ କରିଦିଆଯିବ। ଏଥିସହିତ ଉଲ୍ଲଙ୍ଘନକାରୀ ଦୋକାନୀଙ୍କୁ ମହାମାରୀ ଆଇନ ଅନୁସାରେ ଗିରଫ ମଧ୍ୟ କରାଯିବ। ତେଣୁ ସେମାନେ ଦୋକାନ ସାମ୍ନାରେ ଗ୍ରାହକଙ୍କ ପାଇଁ ଚିହ୍ନ ଦିଅନ୍ତୁ। ସୋମବାର ଠାରୁ ଏହି ନିୟମକୁ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଙ୍ଘନ ହେଲେ ଦୋକାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି, ସାମାଜିକ ଦୂରତା ନିୟମ ରକ୍ଷା କରିବା ପାଇଁ ବିଏମ୍‌ସି ଓ କମିଶନର ପୁଲିସ ପକ୍ଷରୁ ଅନେକ



ପଦକ୍ଷେପ ନିଆଯାଇଛି। ଏହି ସବୁ ପଦକ୍ଷେପ ଗ୍ରହଣ ପରେ ମଧ୍ୟ ସେତେ ମାତ୍ରାରେ ଭଲ ରେଜଲ୍ଟ ଆସୁନାହିଁ। ସହରର କେତେକ ପରିବା ମାର୍କେଟ ଓ ଆମିଷ ବଜାରରେ ସାମାଜିକ ଦୂରତା ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳୁଛି। ଦୋକାନ ସାମ୍ନାରେ ଗୋଲ ବୁଲାଇ ଲୋକଙ୍କୁ ଛିଡ଼ା ହେବା ପାଇଁ କହିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ବ୍ୟବସାୟୀମାନଙ୍କୁ ପୂର୍ବରୁ କୁହାଯାଇଥିଲା। କିନ୍ତୁ ଏହା ସେତେ ମାତ୍ରାରେ ସଫଳ ହୋଇନାହିଁ। ଲୋକଙ୍କ ଆବଶ୍ୟକ ସାମଗ୍ରୀ ପାଇଁ ବିଭିନ୍ନ ମୋବାଇଲ ଭ୍ୟାନର ବ୍ୟବସ୍ଥା ହୋଇଛି। ଲୋକମାନେ ଛୋଟମୋଟ ଜିନିଷ ପାଇଁ ଘରୁ ନ ବାହାରି ଏହି ସୁବିଧାର ଫାଇଦା ଉଠାନ୍ତୁ। ସେହିପରି ଭୁବନେଶ୍ୱର ଡିସିପି (ଇନ୍‌ଚାର୍ଜ) ଅନୁପ କୁମାର ସାହୁ କହିଛନ୍ତି ସଟ୍‌ଡାଉନ୍ ପରେ ଲକ୍‌ଡାଉନ ବଳବତ୍ତର ରହିବ। କେହି ତରବରିଆ ହୋଇ ବଜାରକୁ ସାମଗ୍ରୀ ଆଣିବା ପାଇଁ ଯାଆନ୍ତୁନାହିଁ। ବଜାରକୁ ଗଲେ ସାମାଜିକ ଦୂରତା ରକ୍ଷା କରିବାକୁ ଡିସିପି ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

# ଲକ୍‌ଡାଉନକୁ ଶତ ପ୍ରତିଶତ ସଫଳ କରିବାକୁ ଧର୍ମେନ୍ଦ୍ରଙ୍କ ନିବେଦନ

**ଭୁବନେଶ୍ୱର :** ଶୃଙ୍ଖଳିତ ଓ ବ୍ୟବସ୍ଥିତ ରହି ଲକ୍ ଡାଉନ୍‌ର ଅବଶିଷ୍ଟ ସମୟକୁ ସଫଳ କରିବା ପାଇଁ ଏକ ଭିଡିଓ ବାର୍ତ୍ତାରେ ଦେଶର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଲକ୍ ଡାଉନର ପ୍ରଥମ ସପ୍ତାହରେ ହୋଇଥିବା ଭୁଲର ପୁନରାବୃତି ନକରି ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ଘରେ ରହି ଲକ୍ ଡାଉନକୁ ଶତ ପ୍ରତିଶତ ସଫଳ କରିବାକୁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସାରା ଦେଶରେ ମାର୍ଚ୍ଚ ୨୫ ତାରିଖରୁ ଆରମ୍ଭ ହୋଇଥିବା ଲକ୍ ଡାଉନକୁ ପାଖାପାଖି ଏକ ସପ୍ତାହ ପୂରିଥିବା ବେଳେ ଏହା ଦ୍ୱିତୀୟ ସପ୍ତାହକୁ ପ୍ରବେଶ କରିଛି । ଦେଶର ସମସ୍ତ ନାଗରିକ, ସବୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ସବୁ ପ୍ରକାର ଭେଦଭାବକୁ ଭୁଲି ପ୍ରଧାନମନ୍ତ୍ରୀଙ୍କର ଏହି ଲକ୍ ଡାଉନ୍ ଆହ୍ୱାନକୁ ସଫଳ କରିବା କାମରେ ଲାଗିଛନ୍ତି। ସମସ୍ତେ କରୋନାକୁ ହରାଇବା ପାଇଁ ଏକଜୁଟ୍ ହୋଇଛନ୍ତି ଏବଂ ସମସ୍ତେ ଭେଦଭାବକୁ ଭୁଲି କରୋନା ବିରୋଧରେ ଏକାଠୀ ହେବା ଭଳି ଦେଶରେ ଗୋଟିଏ ବଡ ଜନ ଆନ୍ଦୋଳନ ତିଆରି ହୋଇଛି



। ମାତ୍ର ଏହା ମଧ୍ୟରେ କିଛି ଛୋଟ ଛୋଟ ବିସଙ୍ଗତି ବା ଅବ୍ୟବସ୍ଥା ସାମ୍ନାକୁ ଆସିଛି । ସାରା ଦେଶ ଲକ୍ ଡାଉନ୍ ସତ୍ତ୍ୱେ କିଛି ଜାଗାରେ ଲୋକମାନେ ଘରୁ ବାହାରକୁ ବାହାରୁଛନ୍ତି । ଦେଶର ପ୍ରାୟ ୯୦ ରୁ ୯୫ ପ୍ରତିଶତ ଲୋକ ଲକ୍ ଡାଉନକୁ ଶୃଙ୍ଖଳିତ ଭାବେ ପାଳନ କରୁଥିବା ବେଳେ ୫ ପ୍ରତିଶତ ଲୋକ ଏହାର ବ୍ୟତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି । ତେବେ ବର୍ତ୍ତମାନ ଏହାକୁ ଆଲୋଚନା କରିବାର ସମୟ ନୁହେଁ ବରଂ ସୁଧାରିବାର ସମୟ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଲକ୍ ଡାଉନକୁ ଶୃଙ୍ଖଳିତ ଭାବେ ପାଳନ କରୁନଥିବା ଲୋକଙ୍କୁ ବୁଝାଇ ୧୦୦ ପ୍ରତିଶତ ଲକ୍ ଡାଉନକୁ ସଫଳ କରିବାକୁ ପଡିବ । ଏଥିପାଇଁ ଗରିବ ଲୋକମାନଙ୍କର ଧ୍ୟାନ ଦେବାକୁ ପଡିବ, ନିଜେ ଘରେ ରହିବାକୁ ପଡିବ ଏବଂ ଆଖପାଖ ଲୋକଙ୍କୁ ବୁଝାଇ ସଚେତନତା କରିବାକୁ ପଡିବ । ଆହୁରି ବାକି ୧୪ ଦିନ ସମସ୍ତଙ୍କୁ ସ୍ୱୟମ୍ ଓ ସଂଯତ ଆକାରରେ ରହିବା ପାଇଁ ପଡିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ସବୁ ସରକାର, ସ୍ୱାସ୍ଥ୍ୟ କର୍ମୀ, ପୋଲିସ, ସଫେଇ କର୍ମଚାରୀ, ଘରୋଇ କର୍ମଚାରୀ ତଥା ଏହିପରି ବ୍ୟକ୍ତିବିଶେଷ ଏହି ପ୍ରକାର ଅଭାବନୀୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଆଜି ତତ୍ପର ଅଛନ୍ତି । ଏହା ଏକ ମାନସିକ ଯୁଦ୍ଧ ଭାବରେ ସମସ୍ତେ ଲଢୁଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱର ଆମେରିକା, ଇଟାଲୀ, ଚୀନ ସମେତ ଅନେକ ଧନୀ ରାଷ୍ଟ୍ର କରୋନା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ବିଶ୍ୱର କିଛି ଛୋଟ ଛୋଟ ଦେଶ ଲକ୍ ଡାଉନକୁ ସୀମିତ ରଖି ସଂକଟକୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ତେଣୁ ସମସ୍ତଙ୍କୁ ସରକାର ତଥା ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରିବାର ଆବଶ୍ୟକତା ରହିଛି ଏବଂ ସ୍ୱୟଂସେବୀ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, ସଚେତନତା ନାଗରିକ ପ୍ରଶାସନର ଯୋଜନାକୁ ଏହି ସବୁ କ୍ରିୟାନ୍ୱୟନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଶାସନିକ ଲୋକ ଯଥା ପୋଲିସ ଏବଂ ଅନ୍ୟ ବ୍ୟକ୍ତିବିଶେଷ ତଥା ସମ୍ବାଦପତ୍ର ଓ ଗଣମାଧ୍ୟମର ପ୍ରତିନିଧିମାନେ, ଅତ୍ୟାବଶ୍ୟକ ସାମଗୀର ସେବା ଯୋଗାଉଥିବା ଲୋକମାନେ ନିଜ ଜୀବନକୁ ବାଜିରେ ଲଗାଇ ବଡ ସମାଜ ସୁରକ୍ଷିତ ରହିବା କାମରେ ଲାଗିଛନ୍ତି । ତେଣୁ ଗୋଟିଏ ଜାଗାରେ ଅଜାଣତରେ ଛୋଟ ଭୁଲ ହେଲେ ମଧ୍ୟ ଏହାର ବଡ ମୂଲ୍ୟ ଦେବାକୁ ପଡିପାରେ । ଲକ୍ ଡାଉନ୍ ଅର୍ଥ ଘରେ ରହିବା, ଶତ ପ୍ରତିଶତ ଶୃଙ୍ଖଳିତ ରହିବା ଏବଂ ସ୍ଥାନୀୟ ପ୍ରଶାସନର ବ୍ୟବସ୍ଥାକୁ ମାନିବା । ଏହାର କୌଣସି ବିକଳ୍ପ ନାହିଁ । ସମସ୍ତଙ୍କ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ରହିଛି ବୋଲି ଭିଡିଓରେ ଶ୍ରୀ ପ୍ରଧାନ କହିଛନ୍ତି।

# ସ୍କୁଲ ଖୋଲିବା ନେଇ ୧୪ରେ ନିଷ୍ପତ୍ତି



**ଭୁବନେଶ୍ୱର :** ଦେଶରେ କରୋନା ଭାଇରସ୍ ସଂକ୍ରମଣର ସ୍ଥିତି ମୁକାବିଲା ଲାଗି ଚଳିତମାସ ୧୪ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ଲକ୍‌ଡାଉନ୍ ପାଇଁ ସମଗ୍ର ଦେଶର ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ତେବେ ଲକ୍‌ଡାଉନ୍ ଅବଧି ଶେଷ ହେବାପରେ ସ୍କୁଲ, କଲେଜ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ପୁଣିଥରେ ଖୋଲା ଯିବା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ରବିବାର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଆଲ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀଙ୍କ ନିରାପତ୍ତାକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ଦେଶରେ କରୋନା ଭାଇରସ୍ ସଂକ୍ରମଣର ସ୍ଥିତି ଯାଞ୍ଚ କରିବା ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଲକଡାଉନ୍ ହଟିବା ପରେ ସମସ୍ତ ପରୀକ୍ଷା ଏବଂ ଖାତାଦେଖା ସାରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି।












Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି